ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅଶୋକ


@ ହରିହର


@ ସମୀର


@ ସୌମ୍ୟରଞ୍ଜନ


@ ସୁମନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତହସିଲଦାରଙ୍କୁ ଜୋନ୍ ଅଧିକାରୀ ଦାୟିତ୍ୱ



ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟମାନେ।

## ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ

**ନୟାଗଡ଼ ଅଫିସ,୧୭।୫**

ଜିଲା ପରିଷଦର ସୃଜନ ସଭାଗୃହରେ ବୁଧବାର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ସିଡିଏମ୍‌ଓ ମକରନ୍ଦ ବେଉରା, ଜିଲା ଜରୁରୀକାଳୀନ ଅଧିକାରୀ ଦିଲୀପ କୁମାର ଜେନା ଏବଂ ଏସ୍‌ଡିପିଓ ସ୍ନେହାଶିଷ ସାହୁ ମଞ୍ଚାସୀନ ଥିଲେ । ପ୍ରତି ବ୍ଲକକୁ ଗୋଟିଏ ଜୋନ୍ ଭାବେ ଗଠିତ କରାଯିବ । ଏଥିରେ ତହସିଲଦାରମାନେ ଜୋନ୍ ଅଧିକାରୀ ଓ ବିଡିଓ ଅତିରିକ୍ତ ଜୋନ୍ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇବେ । ବ୍ଲକସ୍ତରରେ ନିର୍ବାଚିତ ଜନ ପ୍ରତିନିଧି, ସମସ୍ତ ବିଭାଗୀୟ ଅଧିକାରୀ,ଲାଇନ ବିଭାଗର ଅଧିକାରୀ ଏବଂ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ନେଇ ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ ବୈଠକ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ନିମନ୍ତେ କଣ୍ଟ୍ରୋଲ ରୁମ ସହ ମୋବାଇଲ ସେବାକୁ ସର୍ବଦା ସକ୍ରିୟ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ କମିଟି ଗଠନ କରିବା, କଣ୍ଟ୍ରୋଲ ରୁମ ସହ ମୋବାଇଲ ସେବାକୁ ସର୍ବଦା ସକ୍ରିୟ ରଖିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗଣିଆ, ଛାମୁଣ୍ଡିଆ,ଭାପୁର ଅଞ୍ଚଳରେ ପାୱାର ବୋଟ୍ ଏବଂ ଦେଶୀ ଡଙ୍ଗା ଗୁଡ଼ିକୁ ସକ୍ରିୟ ରଖିବା ପାଇଁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଆବଶ୍ୟକ ସ୍ଥାନରେ ଚୁଡ଼ା ଗୁଡ଼,ମହମବତୀ, ଦିଆସିଲ, କିରୋସିନ, ଔଷଧପତ୍ର, ଓଆରଏସ ପାଉଡର, ସାପ କାମୁଡ଼ା ଔଷଧ, ପ୍ରାଣୀମାନଙ୍କ ପାଇଁ ଖାଦ୍ୟ ମହଜୁଦ ରଖିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ । ବନ୍ୟା ସମୟରେ ନଦୀବନ୍ଧ ଯେପରି ଭାଙ୍ଗି ନ ଯିବ, ମହାନଦୀ କୂଳରେ ଥିବା ଦୁର୍ବଳ ସ୍ଥାନରେ ସୁବ୍ୟବସ୍ଥା କରିବା ପାଇଁ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବନ୍ୟା ସମୟରେ ପାଣି ପଶି ଘରଦ୍ୱାର ଭାଙ୍ଗିଯାଇ ଯେପରି ଲୋକେ ବିପଦର ସମ୍ମୁଖୀନ ନ ହୁଏ ସେଥିପାଇଁ ଆବଶ୍ୟକ ସ୍ଥାନରେ ଆଡ଼ିବନ୍ଧ ବ୍ୟବସ୍ଥା, ପାନୀୟଜଳର ସୁବ୍ୟବସ୍ଥା କରିବା ପାଇଁ ନଳକୂଅ ଶୀଘ୍ର ମରାମତି ଏବଂ ଜଳମଗ୍ନ ସ୍ଥାନରେ ବିଶୁଦ୍ଧ ପାଣି ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଛି । ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ନିମନ୍ତେ ୨୦୦ଜଣ ଆପଦ ମିତ୍ର ୧୨ଦିନିଆ ତାଲିମ ପାଇ ସଜାଗ ଅଛନ୍ତି । ସେମାନଙ୍କୁ ଆବଶ୍ୟକ ଉପକରଣ ଯୋଗାଇ ଦିଆଯାଇଛି ।

# ପ୍ରଶସ୍ତ ହେଉଛି ୩ ନଦୀର ମୁହାଣ

## ■ମହାନଦୀର ସଂଯୋଗ ସ୍ଥଳକୁ ଅଣଦେଖା
## ■ରାସଙ୍ଗ ମାଳବନ୍ଧକୁ ଭୁଲିଗଲା ପ୍ରଶାସନ

**ନୟାଗଡ଼ ଅଫିସ,୧୭।୫**

ମହାନଦୀର ସଂଯୋଗ ସ୍ଥଳ ଅଥବା ମୁହାଣ କୁହାଯାଉଥିବା ଗଣିଆ ବ୍ଲକର କଳାପାଟ, ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ଓ ଭାପୁର ବ୍ଲକର ମାଣିତ୍ରୀଠାରେ ଆନିକଟ, ପଥର ବନ୍ଧ ଅଥବା ଏସ୍‌କେପ୍ କରାଯିବା ପାଇଁ ଦାବି ବହୁ ଦିନ ଧରି ହୋଇ ଆସୁଛି । ମୁହାଣଗୁଡିକୁ ଜଳସମ୍ପଦ ବିଭାଗ ଆଦୌ ଦୃଷ୍ଟି ଦେଉ ନ ଥିବାରୁ ଗଣିଆ, ଭାପୁର ଓ ଖଣ୍ଡପଡ଼ା ବ୍ଲକର ହଜାର ହଜାର ଏକର ଚାଷ ଜମି ବନ୍ୟା ସମୟରେ ଜଳମଗ୍ନ ହେଉଛି । ଏପରି କି ବନ୍ୟା ଜଳରେ ବୁଡି ରହି ଫସଲ ନଷ୍ଟ ହେଉଛି । ବନ୍ୟା ଆସିଲେ ଚାଷୀର ଚିନ୍ତା ବଢୁଥିଲେ ମଧ୍ୟ ଜଳସମ୍ପଦ ବିଭାଗ ଏହାକୁ ଅଣଦେଖା କରୁଥିବାରୁ ଚାଷୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ପୁଣି ଅଧାନ୍ତରିଆ ମାଳବନ୍ଧକୁ ମଧ୍ୟ ଗୁରୁତ୍ୱ ଦିଆଯାଉ ନାହିଁ । ବୁଧବାର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକରେ ଚାଷୀଙ୍କ ସମସ୍ୟା ସ୍ଥାନ ପାଇ ପାରିନାହିଁ । ଯାହାକି ପ୍ରଶାସନର ଅସଲ ମୁଖାକୁ ପଦାରେ ପକାଇଛି ।

ସୂଚନା ଅନୁଯାୟୀ, ଗଣିଆ ବ୍ଲକର କଳାପାଟଠାରେ ମହାନଦୀରେ ବୃତ୍ତଙ୍ଗ ଯେଉଁଠାରେ ମିଶ୍ରଣ ହୋଇଛି ସେଠାରେ ବୃତ୍ତଙ୍ଗ ନଦୀ କୂଳ ଖାଇ ଓସାରିଆ ହେବାରେ ଲାଗିଛି । ଏଠାରେ ଘାଇ ହେଲେ ଅନେକ ଚାଷ ଜମିର ଫସଲ ନଷ୍ଟ ହେବ । ବୃତ୍ତଙ୍ଗ ନଦୀ ଯେଉଁ ପରିମାଣର କୂଳ ଖାଉଛି ବନ୍ୟା ଆସିଲେ ସେଠାରେ ଘାଇ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ସେହିପରି ରାସଙ୍ଗଠାରେ ମାଳବନ୍ଧ ଅସମ୍ପୂର୍ଣ୍ଣ ହୋଇ ରହିଛି । ଏହାକୁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ ମଧ୍ୟ ୧୩ ବର୍ଷ ହେବ ଜଳସମ୍ପଦ ବିଭାଗ ନୀରବ ରହିଛି। ବଡମୂଳରୁ ପତୁରିଆ ୨୮ କି.ମି. ମାଳବନ୍ଧ ନିର୍ମାଣ ହେଲେ ଗଣିଆ ଅଞ୍ଚଳ ବନ୍ୟାରୁ ରକ୍ଷା ପାରିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସେହିଭଳି ମାଧପୁରରୁ ହନୁମନ୍ତପ୍ରସାଦ, ବଡବର ମାଳବନ୍ଧ ଦୁର୍ବଳ ହୋଇଥିଲେ ମଧ୍ୟ ପଦକ୍ଷେପ ନାହିଁ । କାଳିଗିର ନଦୀ ମାଣିତ୍ରୀ ପାଖରେ, କୁସୁମୀ ଓ କମେଇ ନଦୀ କଣ୍ଟିଲୋ ପାଖରେ ମହାନଦୀରେ ମିଶିଛି । ଏହି ଦୁଇଟି ନଦୀର ମୁହାଣ ନିକଟରେ ଆଦୌ ଆନିକଟ, ପଥର ବନ୍ଧ ଅଥବା ଏସ୍‌କେପ୍ କରାଯାଉନି । ଏଣୁ ଫତେଗଡ଼, କରବର, ପଦ୍ମାବତୀ ଓ ଶାସନ ପଞ୍ଚାୟତର ଚାଷ ଜମି ମହାନଦୀ ବନ୍ୟାଜଳରେ ବୁଡ଼ି ରହୁଛି । ଜମି ବାଲିଚର ହୋଇ ଯାଉଛି ।

# ମିଳିତ ଆକ୍ରମଣରେ ଯୁବକ ଗୁରୁତର

## କାଜୁ ଚୋରିର ପ୍ରତିବାଦ ମହଙ୍ଗା ପଡିଲା

**ନୟାଗଡ଼ ଅଫିସ,୧୭।୫**

ନୟାଗଡ଼ ସଦର ଥାନା କିରିଆଲାଞ୍ଜି ଗାଁରେ କାଜୁ ଚୋରିର ପ୍ରତିବାଦ କରିବାରୁ ଦଣ୍ଡୁ ପ୍ରଧାନ(୪୦) ନାମକ ଜଣେ ଯୁବକଙ୍କୁ ମିଳିତ ଭାବେ ଗୋଡେଇ ଗୋଡେଇ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଛି । ଏଥିରେ ଦଣ୍ଡୁ ପ୍ରଧାନ ଗୁରୁତର ହୋଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ଅବସ୍ଥାରେ ପରିବର୍ତ୍ତନ ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଏନେଇ ଦଣ୍ଡୁଙ୍କ ପୁଅ ଲିପୁଙ୍କ ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ କରି କିରିଆଲାଞ୍ଜି ଗାଁର ଅଭି ନାୟକ, ନାରଣ ନାୟକ ଓ ନୀର ନାଏକଙ୍କ ନାଁରେ ଏକ ମାମଲା (ନଂ.୮୩/୨୩) ରୁଜୁ କରିଛି ।

# ନୂତନ ତ୍ରିନାଥ ମନ୍ଦିର ପ୍ରତିଷ୍ଠା

**ଖଣ୍ଡପଡ଼ା,୧୭।୫(ସ୍ୱ.ପ୍ର)**

ନୀଳମାଧବ ଜୀଉ ମନ୍ଦିର ପଶ୍ଚିମ ପାର୍ଶ୍ୱ ମା'ତାରିଣୀଙ୍କ ମନ୍ଦିର ପାଖରେ ପୂଜା ପାଉଥିବା ତ୍ରିନାଥଙ୍କ ନୂତନ ମନ୍ଦିର ବୁଧବାର ପ୍ରତିଷ୍ଠା କରାଯାଇଛି । ଏହି ଅବସରରେ ନୂତନ ବିଗ୍ରହଙ୍କୁ ପାରମ୍ପରିକ ରୀତିରେ ସ୍ଥାପିତ କରାଯାଇଛି । ଏ ଅବସରରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ସହ ହୋମ ଯଜ୍ଞ ସମ୍ପନ୍ନ ହୋଇଛି।






# ଥାନାକୁ ଡାକି ପୋଲିସ ପିଟିବା ଘଟଣାକୁ ୭ଦିନ ବିତିଲା

## ସବ୍‌ଇନ୍ସପେକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନାହିଁ

**ନୟାଗଡ଼ ଅଫିସ,୧୭।୫**

ସ୍ୱାମୀ ସ୍ତ୍ରୀ ମଧ୍ୟରେ ହୋଇଥିବା ଝଗଡ଼ାକୁ ସମାଧାନ ପାଇଁ ଥାନାକୁ ଡକାଇ ଭାପୁରର ସୁନିଲ କୁମାର ମହାନ୍ତିଙ୍କୁ ମାଡ଼ମରା ଘଟଣାକୁ ସପ୍ତାହେ ବିତିଛି । ହେଲେ ଘଟଣାର ତଦନ୍ତ କରାଯାଇ ସବ୍‌ଇନ୍ସପେକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ବରଂ ଘଟଣାକୁ ରଫାଦଫା କରିବାକୁ ଚାପ ପଡୁଛି। ପୁଣି ଗିରଫ କରିବାର ଭୟ ଦେଖାଯାଉଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ସ୍ୱାମୀ ସ୍ତ୍ରୀ ମଧ୍ୟରେ ହୋଇଥିବା ଝଗଡ଼ାକୁ ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରିଥିଲା । ଉକ୍ତ ଘଟଣାର ସମାଧାନ ପାଇଁ ଗତ ୧୦ ତାରିଖରେ ଫତେଗଡ଼ ଥାନାର ସବ୍‌ଇନ୍ସପେକ୍ଟର ଅରୂପ ନାୟକ ଫୋନ ଯୋଗେ ଭାପୁରର ସୁନିଲ କୁମାର ମହାନ୍ତିଙ୍କୁ ଥାନାକୁ ଡକାଇଥିଲେ । ସୁନିଲ ଥାନାରେ ପହଞ୍ଚି କେଶ କୋର୍ଟରେ ବିଚାରଧୀନ ରହିଥିବା ନିଜର ପକ୍ଷ ରଖିଥିଲେ । ତେବେ ସବ୍‌ଇନ୍ସପେକ୍ଟର କିଛି ନ ଶୁଣି ସ୍ୱାମୀ ସ୍ତ୍ରୀ ଭଲରେ ଚଳିବ କହି ଅଭିଯୋଗର ସମାଧାନ ହୋଇଗଲା ବୋଲି କହିଥିଲେ। ଏପରିକି ଏକ ନିଷ୍ପତ୍ତି ପତ୍ରରେ ଦସ୍ତଖତ ନେଇ ଯାଇ ବିବାଦ ନ କରିବାକୁ ପରାମର୍ଶ ଦେଇଥିଲେ। ପରେ ଥାନା ପଛପଟକୁ ଡାକି ପ୍ଲାଷ୍ଟିକ ପାଇପରେ ମାଡ଼ ମାରିଥଲେ । ପ୍ରତିବାଦ କରିବାରୁ ମିଥ୍ୟା କେଶରେ ଥାନାରେ ପୁରାଇ ଦେବେ ବୋଲି ଧମକ ଦେଇଥିଲେ। ଏନେଇ ନୟାଗଡ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ଏପରି କି ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ ହୋଇଛି । ଏନେଇ ସୁନିଲ କୁହନ୍ତି, ସ୍ତ୍ରୀଙ୍କ ସହ ବିବାଦ ଘଟଣାରେ ପୂର୍ବରୁ ମୋ ନାଁରେ ମାମଲା ରହିଛି। ଯାହାକି କୋର୍ଟରେ ବିଚାରଧୀନ ରହିଛି। ଏଭଳି ସ୍ଥଳେ ପୁଣି ମୋତେ ଥାନାକୁ ଡକାଇ ସବ୍‌ଇନ୍ସପେକ୍ଟର ମାଡ ମାରିଲେ । ମୁଁ ଅଭିଯୋଗ କରିବାରୁ ମୋତେ ଓ ମୋ ପରିବାରକୁ ଫସାଇବାକୁ ଉଦ୍ୟମ କରାଯାଉଛି । ସବ୍‌ଇନ୍ସପେକ୍ଟରଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ପ୍ରତ୍ୟାହାର କରିବାକୁ ଚାପ ପଡୁଛି । ପୁଣି ଆମ ନାଁରେ ମାମଲା ରୁଜୁକରି ଗିରଫ କରିବାକୁ ବାରମ୍ବାର ଧମକାଉଛନ୍ତି। ପୋଲିସର ଗୁଣ୍ଡାଗିରି ବିରୋଧରେ ଅଭିଯୋଗ କରିବା କ'ଣ ଭୁଲ। ଘଟଣାର ତଦନ୍ତ ହେବା ନିହାତି ଦରକାର କହି ସେ କାନ୍ଦି ପକାଇଥିଲେ।

**ସଂକ୍ଷେପରେ**

## ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ପାଇଲେ ମୃତକଙ୍କ ପରିବାର



ସିଂହପୁର,୧୭।୫(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ପଞ୍ଚାୟତ ନାଉବାଙ୍କ ଗ୍ରାମର ଅଭିରାମ ସେଠୀଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ମିଳିଛି ଅର୍ଥରାଶି। ସେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ବର୍ଷକୁ ୨୦ ଟଙ୍କା ଦେଇ ଏକ ବୀମା କରିଥିଲେ। ସେଥିରୁ ମାତ୍ର ଗୋଟିଏ କିସ୍ତି ଦେଇଥିଲେ। ବଜ୍ରପାତରେ ଗତବର୍ଷ ସେପ୍ଟେମ୍ବର ୨୫ରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏହାପରେ ସିଂହପୁର ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଶାଖା ପରିଚାଳକ ପ୍ରଶାନ୍ତ କୁମାର କର ତାଙ୍କ ପରିବାରକୁ ଉକ୍ତ ଯୋଜନାରେ ୨ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରିଛନ୍ତି। ଉକ୍ତ ରାଶିକୁ ସେଠୀଙ୍କ ସ୍ତ୍ରୀ ଅମ୍ବିକା ସେଠୀ ବ୍ୟାଙ୍କ ଶାଖା ପରିଚାଳକଙ୍କଠାରୁ ଗ୍ରହଣ କରିଛନ୍ତି।

## ପୁଅବୋହୂଙ୍କ ନିର୍ଯାତନା, ଥାନାର ଦ୍ୱାରସ୍ଥ ହେଲେ ବୃଦ୍ଧ ଦମ୍ପତି

କୁଜଙ୍ଗ,୧୭।୫ (ଡି.ଏନ.ଏ.): ବାର୍ଦ୍ଧକ୍ୟ ଅବସ୍ଥାରେ ମା'ବାପା ବୋହୂପୁଅଙ୍କ ସାହାରା ନିଅନ୍ତି। ନାତୁଣୀନାତିଙ୍କ ଗହଣରେ ଅବସର ସମୟ ବିତାନ୍ତି। ହେଲେ ବିଡ଼ମ୍ବନାର ବିଷୟ କୁଜଙ୍ଗ ଥାନାରେ ପାଟପୁର ଗାଁର ବୃଦ୍ଧ ଦମ୍ପତି ଦୀନ ଦାସ(୮୫) ଓ ସୁର ଦାସ (୮୦) ଏକମାତ୍ର ପୁତ୍ର ଶାରଦା ତାଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦେଇ ଆସୁଛନ୍ତି ବୋଲି ବୁଧବାର ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୂର୍ବରୁ ବହୁବାର ବୁଝାଶୁଝା କରାଯାଇଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ୨ଦିନ ତଳେ ଶାରଦା ମା' ବାପାଙ୍କୁ ଖାଇବାକୁ ନ ଦେଇ ଘରୁ ବାହାର କରି ଦେଇଛନ୍ତି। ଅନ୍ୟ ଉପାୟ ନ ପାଇ ବୃଦ୍ଧ ଦମ୍ପତି ବ୍ୟାସ ଫାଉଣ୍ଡେଶନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ସହାୟତା ଲୋଡି ଥିଲେ। ସ୍ନେହମୟୀ ଘଟଣା ସମ୍ପର୍କରେ ଅବଗତ ହେବା ପରେ ଫାଉଣ୍ଡେଶନର ବରିଷ୍ଠ ସଭ୍ୟ ବିଜୟ ବିଶ୍ୱାଳ, ଟାଇଟସ୍ ପଣ୍ଡା, ଉପସଭାପତି ରଶ୍ମିତା ନାୟକଙ୍କ ସହାୟତାରେ ବୃଦ୍ଧ ଦମ୍ପତିଙ୍କୁ ନ୍ୟାୟ ଦେବାକୁ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଶାରଦାଙ୍କ ପତ୍ନୀ ଥାନାରେ ପାଲଟା ଅଭିଯୋଗରେ ବୃଦ୍ଧ ମା' ବାପା ଓ ଶାଶୁଘର ଛାଡ଼ି ବାପ ଘରେ ରହୁଥିବା ବିବାହିତା ଝିଅ ତାଙ୍କୁ ବାରମ୍ବାର ଅଶ୍ଳୀଳ ଭାଷାରେ ଗାଲି ଗୁଲଜ କରି ପାରିବାରିକ ସୁଖ ଶାନ୍ତି ନଷ୍ଟ କରୁଛନ୍ତି। ଥାନାଅଧିକାରୀ ସୁଜିତ୍ ପ୍ରଧାନଙ୍କୁ ପଚାରିବାରେ ଉଭୟପକ୍ଷର ଅଭିଯୋଗ ପାଇ ତଦନ୍ତ ଚାଲିଛି। ଏପଟେ ଯଦି ପୋଲିସ୍ ବୃଦ୍ଧ ଦମ୍ପତିଙ୍କୁ ନ୍ୟାୟ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି ଆଗାମୀ ଦିନରେ ଏଭଳି କେତେ ମା' ବାପ ଅକାଳରେ ଝରି ପଡ଼ିବା ସହ ଜରାଶ୍ରମକୁ ଶ୍ରେଷ୍ଠ ଆଶ୍ରୟ ସ୍ଥଳ ବାଛି ନେବାକୁ ବାଧ ହେବେ ବୋଲି ଆଚାର୍ଯ୍ୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ୩ ଦିନ ପରେ ବି ପୋଲିସ ହାତ ଖାଲି

**ଜୁଏଲେରି ଶୋ'ରୁମ୍ ଲୁଟ୍ ଘଟଣା**

- ତଦନ୍ତ କଲେ କେନ୍ଦ୍ରାଞ୍ଚଳ ଆଇଜି
- ବିଭିନ୍ନ ସ୍ଥାନରେ ୭ ଟିମ୍ ଚଳାଇଛନ୍ତି ତନାଘନା
- ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗ୍ ଉପରେ ନଜର



ଜୁଏଲେରି ଶୋ'ରୁମ୍ ନିକଟରେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**କଳିଙ୍ଗନଗର,୧୭।୫(ଡି.ଏନ.ଏ.)**

ଯାଜପୁର ଜିଲା ବ୍ୟାସନଗରସ୍ଥିତ ସେନ୍‌କୋ ଜୁଏଲେରି ଶୋ'ରୁମ୍ ଲୁଟ୍ ଘଟଣାକୁ ବୁଧବାର ୩ ଦିନ ବିତିଛି। ହେଲେ ଡକାୟତମାନଙ୍କୁ ଠାବ କରିବାରେ ପୋଲିସ ବିଫଳ ହୋଇଛି । ମଙ୍ଗଳବାର ପୋଲିସ ଅଭିଯୁକ୍ତମାନଙ୍କ ଫଟୋ ଜାରି କରିବା ସହିତ ସୂଚନାଦାତାଙ୍କୁ ପୁରସ୍କାର ଦେବାକୁ ଘୋଷଣା କରିଥିଲା । ଏଥିପାଇଁ ୭ ପୃଥକ୍ ଟିମ୍ ଗଠନ କରାଯାଇ ତନାଘନା ଚାଲିଛି । ଉକ୍ତ ଟିମ୍ ବିଭିନ୍ନ ଅଞ୍ଚଳକୁ ଯାଇ ସିସିଟିଭି ଫୁଟେଜକୁ ଆଧାର କରି ଖୋଳତାଡ ଚଳାଇଛି । ବୁଧବାର କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଶୋ'ରୁମକୁ ଆସି ଘଟଣାର ତଦନ୍ତ କରିବା ସହିତ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ଖୁବ୍‌ଶୀଘ୍ର ପୋଲିସ ହାତରେ ଡକାୟତମାନେ ଧରାପଡିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ସହରର ବିଭିନ୍ନ ସୁନା ଅଳଙ୍କାର ବ୍ୟବସାୟୀ ମଧ୍ୟ ଆଇଜିଙ୍କୁ ଭେଟି ଉକ୍ତ ଘଟଣାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ଡକାୟତମାନଙ୍କୁ ଗିରଫ କରିବା ସହିତ ଲୁଟ ଅଳଙ୍କାର ଜବତ କରିବାକୁ ସେମାନେ ଅନୁରୋଧ କରିଛନ୍ତି । ସୁନା ବ୍ୟବସାୟୀଙ୍କୁ ସୁରକ୍ଷା ପାଇଁ ଅତିରିକ୍ତ ଥାନା ଖୋଲିବାକୁ ଉକ୍ତ ବ୍ୟବସାୟୀମାନେ ଦାବି କରିଛନ୍ତି ।

ଏହି ଡକାୟତ ସମ୍ପର୍କରେ ଅନୁଧ୍ୟାନ ପାଇଁ ବୁଧବାର ଯାଜପୁର ଏସ୍‌ପି ଭିନିତ ଅଗ୍ରୱାଲ ଓ ଆଇଜି ଭୋଳ ପ୍ରଥମେ ଯାଜପୁର ରୋଡ ଥାନାକୁ ଯାଇ ସେଠାରୁ ଜୁଏଲେରି ଶୋ'ରୁମକୁ ଆସିଥିଲେ । ଶୋ'ରୁମରେ ମାଲିକ ଏବଂ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ଡକାୟତମାନେ ପ୍ରାୟ ସମସ୍ତ ସିସିଟିଭି କ୍ୟାମେରା ଓ କମ୍ପ୍ୟୁଟର ହାର୍ଡଡିସ ଖୋଲି ନେଇଥିଲେ। ମାତ୍ର ଗୋଟିଏ ହାର୍ଡଡିସ ସୁରକ୍ଷିତ ଥିବାରୁ ତାହାକୁ ଆଧାର କରି କିଛି ସିସିଟିଭି ଫୁଟେଜ ସଂଗ୍ରହ କରିଥିଲା ପୋଲିସ । ପରେ ତଳେ ଥିବା ହିରୋ ଶୋ'ରୁମ, ସମ୍ମୁଖରେ ଥିବା ପେଟ୍ରୋଲ ପମ୍ପ, ନିକଟସ୍ଥ ଷ୍ଟେଟବ୍ୟାଙ୍କ ଆଦିର ସିସିଟିଭି ଫୁଟେଜ ଯାଞ୍ଚ କରୁଛି ପୋଲିସ। ଯାହାକୁ ଆଧାର କରି ପୋଲିସକୁ ଆଉ କିଛି ଅଧିକ ତଥ୍ୟ ମିଳିଥିବା ଅନୁମାନ କରାଯାଉଛି। ତେବେ ସେମାନେ ଆନ୍ତଃରାଜ୍ୟ ଡକାୟତ ଏବଂ ପଶ୍ଚିମବଙ୍ଗ ସହ ଲିଙ୍କ ଥିବା ଅନୁମାନ କରିଛି ପୋଲିସ। ପୋଲିସ ପୂର୍ବରୁ ୪ ଟି ଟିମ ଗଠନ କରି ତଦନ୍ତ ପାଇଁ ପଠାଇଥିବା ବେଳେ ମଙ୍ଗଳବାର ରାତିରେ ଆଉ ୩ ଟିମ୍ ରାଜ୍ୟ ତଥା ରାଜ୍ୟ ବାହାରକୁ ପଠାଇଛି।

## ୬ ରାଜସ୍ୱ ଗ୍ରାମର ହାଇଟେକ୍ ସର୍ଭେ ହେବ

**ଚଣ୍ଡିଖୋଲ,୧୭।୫(ଡି.ଏନ.ଏ.):**

ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନରେ ଥିବା ୯ ରାଜସ୍ୱ ମୌଜାର ଜମି ସଂଶୋଧନ ହୋଇପାରିନାହିଁ। ଇଂରେଜ ସରକାରଙ୍କ ଶାସନ କାଳରେ ୧୯୨୫-୨୬ରେ ଜମି ବନ୍ଦୋବସ୍ତ କରା ଯାଇଥିବାବେଳେ ପରବର୍ତ୍ତୀ ସମୟରେ ଏହା ସଂଶୋଧନ ହୋଇ ପାରି ନ ଥିଲା। ୧୯୮୦-୯୦ ମଧ୍ୟରେ ତହସିଲ ଅଧୀନରେ ବନ୍ଦୋବସ୍ତ ଓ ଚକବନ୍ଦୀ କାର୍ଯ୍ୟ କରାଯାଇ ଜମି ସୀମା ନିର୍ଦ୍ଧାରଣ ସହିତ ସଂଶୋଧନ କରାଯାଇଥିଲା। ସେଥିମଧ୍ୟରୁ ୯ଟି ମୌଜା ପତରାଜପୁର, ଚାରିନଙ୍ଗଳ, କଳାଶ୍ରୀ, ବରଦା, ପଲେଇ, ମାତକାତପୁର, ପଣସୁଧା, ସୁଙ୍ଗୁଡା ଓ ଦର୍ପଣ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣ ନ କରି ଅସଂଶୋଧିତ ଅବସ୍ଥାରେ ଛାଡ଼ି ଦିଆଯାଇଥିଲା। ତେବେ ବହୁ ଦାବି ଓ ଅନୁରୋଧ କ୍ରମେ ରାଜ୍ୟ ସରକାର ବନ୍ଦୋବସ୍ତ ହୋଇ ପାରି ନ ଥିବା ମୌଜାଗୁଡ଼ିକୁ ହାଇ ଟେକ ସର୍ଭେ ଜରିଆରେ ମାପ ଚୁପ କରି ସଂଶୋଧନ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

ବୁଧବାର ଦର୍ପଣ ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସ, ରାଜସ୍ୱ ପରିଦର୍ଶକ ହରିହର ପ୍ରଧାନ, ଜଗନ୍ନାଥ ଖଟୁଆ, ରାଜସ୍ୱ ନିରୀକ୍ଷକ ସଂଗ୍ରାମ କୁମାର ପରିଡ଼ା ଓ ପାଗରୀ ଗିଲୁଆ ପ୍ରମୁଖ ୬ ରାଜସ୍ୱ ମୌଜା ବୁଲି ସ୍ଥିତି ସମୀକ୍ଷା କରିଛନ୍ତି। ଏହି ସର୍ଭେ କାର୍ଯ୍ୟ ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି। ସେମାନେ କେଉଁକେଉଁ ସ୍ଥାନରେ ରହି ସର୍ଭେ ଆରମ୍ଭ କରିବେ ତାହାର ତଦାରଖ କରାଯାଇଛି। ବର୍ତ୍ତମାନ ବରଦା, ପଣସୁଧା, ପଲେଇ, ପତରାଜପୁର, ଚାରିନଙ୍ଗଳ ଓ କଳାଶ୍ରୀ ଆଦି ୬ ମୌଜା ପ୍ରାଥମିକ ଭାବେ ସର୍ଭେ କାର୍ଯ୍ୟ କରାଯିବ। ପରେ ଦର୍ପଣ, ସୁଙ୍ଗୁଡ଼ା ଓ ମାତକାତପୁର ମୌଜାର ସର୍ଭେ କରାଯିବ ବୋଲି ତହସିଲଦାର ଶୁଭଦର୍ଶନ ମିଶ୍ର ପ୍ରକାଶ କରିଛନ୍ତି। ସୂଚନା ଥାଉକି, ସଂଶୋଧନ ହୋଇ ନ ଥିବା ମୌଜା ଗୁଡିକର ଜମି ମାଲିକ ପଟ୍ଟା ପାଇ ପାରୁନାହାନ୍ତି। ଫଳରେ ସେମାନେ ବ୍ୟାଙ୍କ ଋଣ, ଜାତିଗତ ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣ ପତ୍ର ସହ ସମସ୍ତ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ସର୍ଭେ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାରୁ ସମ୍ପୃକ୍ତ ରାଜସ୍ୱ ଗ୍ରାମ ଗୁଡ଼ିକରେ ଖୁସିର ଲହରି ଖେଳିଯାଇଛି।



ରାଜସ୍ୱ ଅଧିକାରୀମାନେ ସର୍ଭେ କାର୍ଯ୍ୟ ପାଇଁ ସ୍ଥାନ ନିରୂପଣ କରୁଛନ୍ତି।

# ଟମକା ରେଲୱେ ପ୍ଲଟ୍ କାର୍ଯ୍ୟକ୍ଷମ ଦାବି




ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଘେରାଉ କରିବାକୁ ଆସିଥିବା ଗ୍ରାମବାସୀ ।

**କଳିଙ୍ଗନଗର,୧୭।୫(ଡି.ଏନ.ଏ.):**

**ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ**

ଟମକା ରେଲ୍‌ୱେ ସାଇଡିଂ ଫେବୃୟାରୀରୁ ବନ୍ଦଥିବାବେଳେ ଏହି ପ୍ଲଟରେ କୋଇଲା ଓ ଲୁହାପଥର ବୋଝେଇ ଏବଂ ଖଲାସ ହେଉଥିଲା। କିନ୍ତୁ କେତେଜଣ ଲୋକେ ପ୍ରଦୂଷଣ ଅଭିଯୋଗ ଉଠାଇବା ଫଳରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହାକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ମାତ୍ର ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର ପାଇଁ ବୁଧବାର ପୂର୍ବାହ୍ନରେ ୩୦୦ରୁ ଅଧିକ ଲୋକେ ଦାବି କରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଯାଜପୁର ରୋଡ୍ ଆଞ୍ଚଳିକ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣର ସମସ୍ତ ସର୍ତ୍ତ ପାଳନ କରି ତୁରନ୍ତ ପ୍ଲଟ ନ ଚାଲିଲେ ଲୋକେ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଚେତାବନୀ ଦେଇଛନ୍ତି।

କେତେକ ନ୍ୟସ୍ତସ୍ୱାର୍ଥ ଲୋକଙ୍କ ସ୍ୱାର୍ଥରେ ବାଧାହେବାରୁ ଟମକା ରେଲୱେ ସାଇଡିଂକୁ ସେମାନେ ବନ୍ଦ ପାଇଁ ଦାବି କରିଥିଲେ। ଏଠାରୁ ଦୁଇଟି ସଂସ୍ଥାକୁ କୋଇଲା ପରିବହନ ଓ ଗୋଟିଏ ସଂସ୍ଥାକୁ ଲୁହାପଥର ପରିବହନ ପାଇଁ ଅନୁମତି ମିଳିଥିଲା। କରୋନା ପରେ ସାଧାରଣ ଲୋକେ ଜୀବନ ଜୀବିକା ପାଇଁ ନାକେଦମ ହେଉଥିବାବେଳେ ଏଠାରେ କୋଇଲା ଓ ଲୁହାପଥର ଖଲାସ ଏବଂ ବୋଝେଇ ପ୍ରକ୍ରିୟାରେ କାମ ପାଇଁ ସୁଯୋଗ ପାଇଥିଲେ। ସବୁକିଛି ସ୍ୱାଭାବିକ ଭାବେ ଚାଲିଥିବା ବେଳେ ହଠାତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସାଇଡିଂ କାମକୁ ବନ୍ଦ କରି ଦିଆଯାଇଥିଲା। ତେବେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବିଧିବଦ୍ଧ ତଦନ୍ତ କରା ନ ଯାଇ ସାଇଡିଂ ବନ୍ଦ କରିବା କେତେଦୂର ଠିକ ବୋଲି ଆନ୍ଦୋଳନ ସମୟରେ ଶ୍ରମିକମାନେ ପ୍ରଶ୍ନ ଉଠାଇଥିଲେ। ଆନ୍ଦୋଳନରେ ପ୍ଲଟ ନିକଟରେ ଥିବା ବଡ଼ଧରସାହି, ଅସନଝର, ଡଗରପଡ଼ା, ଡିମିରିପାଳ, ପଟୁବାହା, ବଗପାଟିଆ, ବଣସାହି, ଦେଉଳକଣ, ପାଟବାଲି ଓ ଡଙ୍କାରି ସାହି ପ୍ରଭୃତି ଗ୍ରାମର ଲୋକେ ସାମିଲ ହୋଇଥିଲେ। ବିଦ୍ୟାଧର ନାୟକ, ପଞ୍ଚାନନ ଜେନା, ଧର୍ମେନ୍ଦ୍ର ନାୟକ, ଶରତ ପାତ୍ର, ଭଜମନ ମହାନ୍ତ, ରତ୍ନାକର ପାତ୍ର, ଅଜୟ ପାତ୍ର, ଗଜେନ୍ଦ୍ର ମହାନ୍ତ, ହେମନ୍ତ ମହାନ୍ତ, ୱାର୍ଡ ସଭ୍ୟ ଚାନ୍ଦୁ ମୁର୍ମୁ, ରାଜୁ ପାତ୍ର, ଜିନା ମହାନ୍ତ ଓ ସୁକାନ୍ତି ମହାନ୍ତ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରମୋଦ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନ ଥିଲା।

## ଟ୍ରକ୍ ଚାପାରେ ଯୁବକ ମୃତ

**ପାରାଦୀପ, ୧୭।୫(ସ୍ୱ.ପ୍ର.)**

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କି ଦୋଛକି ରାସ୍ତାର ତାରିଣୀଗଡ଼ା ପାଖରେ ବୁଧବାର ଅପରାହ୍ନରେ ଏକ ସାର ବୋଝେଇ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନାଉଗାଁ ଥାନା ଅଞ୍ଚଳର ସରବା ହାତୀ (୪୨)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତା ଉପରେ ପହଞ୍ଚି ପ୍ରଶାସନ ବିରୋଧରେ ଆନ୍ଦୋଳନ ଚଳାଇଛନ୍ତି। ସରବା ତାରିଣୀଗଡ଼ାଠାରେ ଭଡ଼ାରେ ରହୁଥିଲେ। ଅପରାହ୍ନ ସାଢେ ୨ଟାରେ ସେ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଟ୍ରକ୍ ସହିତ ଧକ୍କା ହୋଇଥିଲା। ସେ ତଳେ ପଡ଼ି ଯାଇଥିଲେ। ଟ୍ରକ୍‌ର ପଛ ଚକା ଚଢ଼ିଯିବାରୁ ତାଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ପୋଲିସ ପହଞ୍ଚି ମୃତଦେହକୁ ବିଜୁ ମେମୋରିଆଲ ହସ୍ପିଟାଲ ପଠାଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ରାସ୍ତା ଉପରେ ଉତ୍ତେଜନା ଜାରି ରହିଛି। ଅଠରବାଙ୍କି ଦୋଛକି ରାସ୍ତାରେ ପ୍ରାୟ ସମୟରେ ଦୁର୍ଘଟଣା ଘଟୁଛି। ଚଳିତବର୍ଷ ୫ ମାସରେ ୪ ଜଣଙ୍କ ମୃତ୍ୟୁ ଦୁର୍ଘଟଣା ଯୋଗୁ ଘଟିଛି। ଆନ୍ଦୋଳନ, ଦାବିପତ୍ର ସତ୍ତ୍ୱେ ଭାରିଯାନ ପାର୍କିଂ ସମସ୍ୟା ଦୂର ହୋଇ ପାରୁନାହିଁ।

## ଦିବ୍ୟାଙ୍ଗ ଧନେଶ୍ୱରଙ୍କୁ ଘର ମିଳୁନାହିଁ

**ସିଂହପୁର,୧୭।୫(ଡି.ଏନ.ଏ.):**



ବିଞ୍ଝାରପୁର ବ୍ଲକ ଜରି ପଞ୍ଚାୟତ ଅନ୍ତର୍ଗତ ଜରି ଗ୍ରାମର ଧନେଶ୍ୱର ସେଠୀ ଜଣେ ଭୂମିହୀନ ଓ ଦିବ୍ୟାଙ୍ଗ ବ୍ୟକ୍ତି। ଘର ନ ଥିବାରୁ ସେ ଓ ତାଙ୍କ ସ୍ତ୍ରୀ ଏବଂ ଦୁଇ ଝିଅ ବାଳମୁକୁଳିଠାରେ ଘର ଭଡ଼ା ନେଇ ରହୁଛନ୍ତି। ଧନେଶ୍ୱର ଏକ ପାନ ଦୋକାନ କରି ଦୁଃଖ କଷ୍ଟରେ ପରିବାର ଚଳାଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରାଥମିକ ତାଲିକାରେ ତାଙ୍କ ନାମ ଅନ୍ତର୍ଭୁକ୍ତ ହୋଇଥିଲା। ମାତ୍ର ପରେ ତାଙ୍କ ନାମକୁ ଯୋଗ୍ୟ ତାଲିକାରୁ ବାଦ କରାଯାଇଛି। ସେ ବିଞ୍ଝାରପୁର ବିଡିଓ, ଯାଜପୁର ଜିଲାପାଳ ଓ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ବିଞ୍ଝାରପୁର ଗସ୍ତରେ ଆସିଥିବା ବେଳେ ତାଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ହେଲେ ଏପର୍ଯ୍ୟନ୍ତ ତାଙ୍କୁ ଘର ଖଣ୍ଡିଏ ମିଳିପାରିନାହିଁ। ଏହି ଭୂମିହୀନ ପରିବାରକୁ ବସୁନ୍ଧରା ଯୋଜନାରେ ଜମି ଯୋଗାଇ ଦେବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି ହୋଇଛି।

ଆବଶ୍ୟକ CNC ଅପରେଟର୍ସ - 5 ବର୍ଷର ଅଭିଜ୍ଞତା, ଲେଥ୍ ମେସିନ୍ ଅପରେଟର୍ସ, ମେକାନିକାଲ୍ ଫିଟର୍ସ / ରକ୍ଷଣାବେକ୍ଷଣ ଏବଂ ଜେନେରାଲ୍ ମେସିନ୍ ଅପରେଟର୍ସ, ହେଲପର୍ସ | ଆମର ନୂତନ କାରଖାନା ପାଇଁ ହାଇଦ୍ରାବାଦ, 9676901354, ଇମେଲ: jrspldis@gmail.com ରେ ଲକ୍ଷ୍ମଣଙ୍କ ସହିତ ଯୋଗାଯୋଗ କରନ୍ତୁ |

## ପାଖରରେ ହେବ ପାସେଞ୍ଜର ଟ୍ରେନ୍ ହଲ୍ଟ

**ଧର୍ମଶାଳା,୧୭।୫(ଡି.ଏନ.ଏ.):**

**୨୭ ବର୍ଷର ଦାବିପୂରଣ ହେଲା**

ଧର୍ମଶାଳା ବ୍ଲକ ଅଧୀନ ପାଖରଠାରେ ଏକ ପାସେଞ୍ଜର ଟ୍ରେନ ହଲ୍ଟ ନିର୍ମାଣ ହେବ। ଏନେଇ ରେଲୱେ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏକଥା ଜାଣିବା ପରେ ପାସେଞ୍ଜର ହଲ୍ଟ ପାଇଁ ଦୀର୍ଘ ୨୭ ବର୍ଷ ହେଲା ଆନ୍ଦୋଳନ ଚଳାଇଥିବା ପାସେଞ୍ଜର ଟ୍ରେନ୍ ହଲ୍ଟ କମିଟି ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ଆନ୍ଦୋଳନ କରିଥିବା କମିଟି ସଭ୍ୟମାନଙ୍କ ପକ୍ଷରୁ ସନ୍ଧ୍ୟାରେ ଜାରକାଠାରେ ବାଣ ଫୁଟାଯାଇ ଉତ୍ସବ ପାଳନ କରାଯାଇଛି। ପରେ ଜାରକାସ୍ଥିତ ଧର୍ମଶାଳା ପ୍ରେସ କ୍ଲବଠାରେ ଗଣମାଧ୍ୟମକୁ ସୂଚନା ଦେଇ କମିଟି ସଭାପତି ଯୁଧିଷ୍ଠିର ସ୍ୱାଇଁ କହିଛନ୍ତି, ହରିଦାସପୁର, ଗଡ଼ମଧୁପୁର ମଧ୍ୟମସ୍ଥଳି ପାଖରଠାରେ ରେଳ ରହଣି ପାଇଁ ଦୀର୍ଘ ୨୭ ବର୍ଷ ଧରି ଉଦ୍ୟମ ଜାରିରହିଥିଲା। ତେବେ ବିଳମ୍ବ ହେଲେ ମଧ୍ୟ ପୂର୍ବତଟ ରେଳପଥ ପକ୍ଷରୁ ଆନ୍ଦୋଳନକାରୀଙ୍କ ଦାବିପୂରଣ କରାଯାଇଛି। ପାଖରଠାରେ ପାସେଞ୍ଜର ଟ୍ରେନ ହଲ୍ଟ ପାଇଁ ପତ୍ର ସଂଖ୍ୟା ୨୦୧୭-ଟିଜି/ଆଇଭି ତା:୧୭/୫।୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଠାରେ ରେଳ ରହଣି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ କମିଟି ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ଯାଜପୁର ଜିଲା ଭାଜପା ସଭାପତି ପବିତ୍ର ମୋହନ ଦାଶ, ବିଭାଗୀୟ ଡିଆରଏମ ରିଂକେଶ ରାୟ, ଡିସିଏମ ଗିରିଶ ନାୟକ, ଜିଏମ ମନୋଜ ଶର୍ମାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ସୂଚନା ପ୍ରଦାନବେଳେ କମିଟି ଉପସଭାପତି ବେଣୁଧର ନାୟକ, ସମ୍ପାଦକ ବିଜୟ ଦାସ, ବରିଷ୍ଠ ସଭ୍ୟ ନୃସିଂହ ମିଶ୍ର, ନକୁଳ ନାୟକ, ଦେବବ୍ରତ ରାଉତ ଓ ନିରଞ୍ଜନ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ। ପାଖରଠାରେ ପାସେଞ୍ଜର ହଲ୍ଟ ହେଲେ ସ୍ଥାନୀୟ ୫ ପଞ୍ଚାୟତର ଜନସାଧାରଣ ଉପକୃତ ହେବେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.11/ET/SBP/ENGG/2023-24, ତା.12.05.2023ରିଖ
ଇ-ଟେଣ୍ଡର ସଂ.11-eT-SDENE-SBP-23
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ପରିସୀମା ଅଧୀନସ୍ଥ ହ୍ରଣପା-ବଇଣ୍ଡା ସେକ୍ସନରେ କି.ମି.116/6-8(UP) ଠାରେ ସାଇଡ୍ ଡ୍ରେନ୍‌ଗୁଡ଼ିକର ମରାମତି ଏବଂ କି.ମି.116/6-9(DN) ଠାରେ ୱାୟର ରୋପ ନେଟ୍ (Wire rope net) ଦ୍ୱାରା ବୋଲ୍ଡର ଅପସାରଣ ଏବଂ ସ୍ଲୋପ ସୁରକ୍ଷା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,19,67,608.81, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,09,900/-, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.05.06.2023ରିଖ 1500 ଘଣ୍ଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-179/O/23-24

# ଯାଜପୁର-କେନ୍ଦ୍ରାପଡ଼ା ସୀମାରେ ଚୋରାତେଲ କାରବାର

- ୨ ଥାନା ଅଞ୍ଚଳରେ ଚାଲିଛି ବେପାର
- ପୋଲିସ ପକ୍ଷରୁ ହେଉନି କାର୍ଯ୍ୟାନୁଷ୍ଠାନ
- ୨ ଜିଲାର ଏସ୍‌ପି ଦୃଷ୍ଟିଦେବାକୁ ଦାବି

**ବାଲିଚନ୍ଦ୍ରପୁର,୧୭।୫(ସ୍ୱ.ପ୍ର.):**



ରାଜପଥ କଡ଼ରୁ ଯାଉଥିବା ଏକ ତେଲ ଟ୍ୟାଙ୍କର।

ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥର ଯାଜପୁର-କେନ୍ଦ୍ରାପଡ଼ା ଜିଲା ସୀମାନ୍ତ ଇଲାକାରେ ବ୍ୟାପକ ଚୋରା ପେଟ୍ରୋଲ, ଡିଜେଲ କାରବାର ହେଉଥିବା ଅଭିଯୋଗ ହୋଇଛି। ଯାଜପୁର ଜିଲାର ଶେଷ ଭାଗ ହେଉଛି ପାରିପଲେଇ ଛକ ଓ କେନ୍ଦ୍ରାପଡ଼ା ଜିଲାର ଆରମ୍ଭ ସ୍ଥାନଟି ହେଉଛି ପଞ୍ଚୁପାଣ୍ଡବ ଛକ। ପଞ୍ଚୁପାଣ୍ଡବ ଛକଟି ଡେରାବିଶ ଥାନା ଅଧୀନରେ ରହିଥିବାବେଳେ ପାରିପଲେଇ ଅଞ୍ଚଳଟି ବାଲିଚନ୍ଦ୍ରପୁର ଥାନା ଅଧୀନରେ ରହିଛି। ପଞ୍ଚୁପାଣ୍ଡବ ଛକଠାରୁ ଲକ୍ଷ୍ମୀନାରାୟଣପୁର ପର୍ଯ୍ୟନ୍ତ ଡେରାବିଶ ଥାନା ଅଞ୍ଚଳରେ ବହୁଳମାତ୍ରାରେ ଏହି ଚୋରା ତେଲ କାରବାର ହେଉଛି। ପଞ୍ଚୁପାଣ୍ଡବ ଛକ ଉପରେ ରହିଛି ଏକ ହୋଟେଲ। ଏହି ହୋଟେଲ ପଛପଟେ ଦୈନିକ ୧୦/୨୦ ତେଲ ବୋଝେଇ ଟ୍ୟାଙ୍କର ଘଣ୍ଟାକୁ ଘଣ୍ଟା ପଶୁଛନ୍ତି ବାହାରୁଛନ୍ତି। ହୋଟେଲର ନା କେବଳ ଲେଖାଯାଇଛି। ମାତ୍ର ପଛପଟେ ଟ୍ୟାଙ୍କରରୁ ବିପୁଳ ପେଟ୍ରୋଲ, ଡିଜେଲ ବାହାର କରାଯାଉଛି। ଡେରାବିଶ ପୋଲିସ ପାଟ୍ରୋଲିଂ କରୁଥିଲେ ମଧ୍ୟ ଦେଖି ନ ଦେଖିଲା ପରି ଚାଲିଯାଉଛି। ପରୋକ୍ଷରେ ପୋଲିସ ସୁରକ୍ଷା ବଳୟରେ ଏହି କାରବାର ହେଉଥିବା ପଞ୍ଚୁପାଣ୍ଡବ ଛକରେ ଚର୍ଚ୍ଚା ହେଉଛି। ଅପରପକ୍ଷେ ବାଲିଚନ୍ଦ୍ରପୁର ଥାନା ଇଲାକାର ପାରିପଲେଇ ଛକ ଗୋବରୀ ନଦୀକୂଳ ନିକଟରେ ଉକ୍ତ ଗ୍ରାମର କେତେଜଣ ଯୁବକ କ୍ୟାବିନ ପକାଇ ଜଗିବସୁଛନ୍ତି ତେଲ ବୋଝେଇ ଟ୍ୟାଙ୍କରକୁ। ଯାହାର ଯେଉଁ ଗାଡ଼ି ସହିତ ଯୋଗାଯୋଗ ଅଛି ସେମାନେ ସେହି କ୍ୟାବିନ ପାଖରେ ଅଟକି ରହି ପେଟ୍ରୋଲ, ଡିଜେଲ ଦିନ ଦ୍ୱିପ୍ରହରରେ କାଢୁଥିବା ଦେଖିବାକୁ ମିଳୁଛି।

କିଛି ଦିନ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଏହି କାରବାର ବନ୍ଦ ଥିବାବେଳେ ଏବେ ପୁଣି ସକ୍ରିୟ ହୋଇଉଠିଛନ୍ତି ମାଫିଆ। ଏମାନେ ଟ୍ୟାଙ୍କରରୁ ବ୍ୟାରେଲ ଯୋଗେ ତେଲ କାଢିନେଇ ନିଜ ଗାଁ ପାରିପଲେଇରେ ଗଚ୍ଛିତ ରଖୁଛନ୍ତି। ଗ୍ରାମାଞ୍ଚଳରେ ଯେଉଁଠି ତେଲର ଆବଶ୍ୟକତା ପଡ଼େ ଏହି ମାଫିଆମାନେ ସେଠାରେ ନେଇ ପହଞ୍ଚାଇଦେଇ ଆସୁଛନ୍ତି। ସେହିପରି ବାଲିଚନ୍ଦ୍ରପୁର ଥାନା କଟିକଟା ଛକ ଜାତୀୟ ରାଜପଥ କଡ଼ରେ ଏକ ବରଗଛ ମୂଳେ ଥିବା ପରିତ୍ୟକ୍ତ ଢାବାରେ ମଧ୍ୟ ଏହି କାରବାର ଚାଲୁଥିବା ଦେଖାଯାଉଛି। ଏମାନଙ୍କ ନିକଟରେ ଟ୍ୟାଙ୍କରୁ ତାଲା ଖୋଲିବାର ଅବିକଳ ନକଲ ଚାବି ରହିଥିବାରୁ ସହଜ ଉପାୟରେ ତେଲ କାଢ଼ିପାରୁଛନ୍ତି ବୋଲି ଶୁଣିବାକୁ ମିଳୁଛି। ଏଥିପାଇଁ ତୈଳକମ୍ପାନୀ, ଟାଙ୍କି ଓ ଟ୍ୟାଙ୍କର ମାଲିକମାନେ କ୍ଷତି ସହୁଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ଓ ଡେରାବିଶ ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ତେଣୁ ଏହି ଚୋରା ତେଲ କାରବାର ବନ୍ଦ ପାଇଁ ଉଭୟ ଜିଲାର ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବ୍ୟାଟେରି ସର୍ଟ୍‌ସର୍କିଟ ଯୋଗୁ ଟ୍ରକ୍ ଜଳିଗଲା

**ଧର୍ମଶାଳା,୧୭।୫(ଡି.ଏନ.ଏ.):**

ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ନେଉଳପୁରଠାରେ ମଙ୍ଗଳବାର ରାତିରେ ବ୍ୟାଟେରି ସର୍ଟ୍‌ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ଏକ ଟ୍ରକ ଜଳିଯାଇଛି। ସୁରେଶ ମହାପାତ୍ର ନାମକ ବ୍ୟକ୍ତିଙ୍କ ଏକ ୧୪ ଚକିଆ ଟ୍ରକ୍ ଓଡି-୦୪-କ୍ୟୁ- ୧୧୮୯ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ହେଲେ ସେତେବେଳକୁ ଟ୍ରକଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା।

**ପାର୍କିଂ ପାଇଁ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ କାଟାଲଗ ନଂ.: ପାର୍କ-କେଜିପି-୨୩-୦୯, ତାରିଖ: ୧୫।୦୫।୨୦୨୩।
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ, ୩ (ତିନି) ବର୍ଷ ଅବଧି ପାଇଁ ବିଆରଡିବି, ବିଟିକ୍ୟୁ, ଏଚ୍‌ଏଲକେଡ୍, କେଜିପିଠାରେ ଦୁଇଚକିଆ ପାର୍କିଂ ନିମନ୍ତେ ୪ (ଚାରି) ଗୋଟି ପାର୍କିଂ ଲଟ୍ ଏବଂ ସିକେୟୁ ରେଳ ଷ୍ଟେଶନ ପରିସରରେ ମିଶ୍ରିତ ପାର୍କିଂ ଲାଗି ୧ (ଏକ) ଗୋଟି ପାର୍କିଂ ଲଟ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା ୱେବ୍‌ସାଇଟ୍ https://www.ireps.gov.inରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ଲଟ୍ ସଂଖ୍ୟା | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ଦୁଇଚକିଆ ପାଇଁ ପାର୍କିଂ ଲଟ୍ | ପାର୍କ-କେଜିପି-୨୩-୦୯ | ୦୫ | ୦୧।୦୬।୨୩ | ୧୧.୦୦ ଘଟିକା | ୧୨.୧୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-174) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

# ନଦୀ ଆଁରେ ଲୀନ ହେଲାଣି ଶତାଧିକ ଏକର ଚାଷଜମି

ପଟ୍ଟାମୁଣ୍ଡାଇ,୧୭।୫(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ପ୍ରତିବର୍ଷ କାଣି ଓ ବ୍ରାହ୍ମଣୀ ନଦୀ ବନ୍ୟାରେ ତଟବର୍ତ୍ତୀ ଜମିର ଫସଲ ନଷ୍ଟ ହେଉଛି । ପ୍ରବଳ ବନ୍ୟାରେ ବହୁ ଚାଷ ଜମି ବାଲିଚର ହେଉଛି। ନଦୀ ତଟବର୍ତ୍ତୀ ଜମିର ସୁରକ୍ଷା ପାଇଁ ଉଭୟ ନଦୀ ପାର୍ଶ୍ୱରେ ତଟବନ୍ଧ ବିଭାଗ ପକ୍ଷରୁ ଏସ୍‌କେଫ୍ ନିର୍ମାଣ ସହ ନଦୀକୂଳରେ ପଥର ପ୍ୟାକିଂ କରାଯିବାକୁ ଧୋୟାଞ୍ଚଳ ଚାଷୀମାନଙ୍କ ପକ୍ଷରୁ ଦାବି ହୋଇଛି । ହେଲେ ତଟବନ୍ଧ ବିଭାଗ ପକ୍ଷରୁ ସେପରି କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ଅଭିଯୋଗ ହେଉଛି।

ଧୋୟାଞ୍ଚଳ ସିଂହଗାଁ, ପେଣ୍ଠପାଳ, ତରଡିପାଳ, ଅଳପୁଆ, ଅଣ୍ଟରା, ଅମୃତମଣୋହି ଓ ବଲୁରିଆ ପଞ୍ଚାୟତ ଗ୍ରାମଗୁଡିକର ଦକ୍ଷିଣ ପାର୍ଶ୍ୱରେ ବ୍ରାହ୍ମଣୀ ନଦୀ ପ୍ରବାହିତ ହେଉଥିବା ବେଳେ ବାମପାର୍ଶ୍ୱରେ କାଣି ନଦୀ ପ୍ରବାହିତ ହେଉଛି । ଏହି ନଦୀ ନିକଟବର୍ତ୍ତୀ ଗ୍ରାମ ଓ ଚାଷ ଜମି ପାଇଁ ମାଡ଼ି ଆସୁଛି ବିପଦ । ନଦୀ ଆଁରେ ଲୀନ ହୋଇଯିବାକୁ ବସିଛି ଶତାଧିକ ଏକର ଚାଷଜମି । କିଛି ଜମି ନଦୀ ଗର୍ଭରେ ଲୀନ ହୋଇ ସାରିଥିବା ବେଳେ ନଦୀର କରାଳ ରୂପ ଗ୍ରାମବାସୀଙ୍କ ଚିନ୍ତା ବଢାଇ ଦେଇଛି । ଯାହାକୁ ନେଇ ଆଶା ଓ ଆଶଙ୍କାରେ ଗ୍ରାମବାସୀ ଦିନ କାଟୁଛନ୍ତି । ଦିନକୁ ଦିନ ନଦୀ ନିଜର ଆୟତନ ବୃଦ୍ଧି କରିବା ସହିତ ଗତିପଥ ବଦଳାଇ ଗ୍ରାମ ଆଡକୁ ମାଡ଼ି ଆସୁଛି । ସେଥିପାଇଁ ବନ୍ୟା ସମୟରେ ନଦୀ କୂଳ ଖାଇବାରେ ଲାଗିଛି । ଇତିମଧ୍ୟରେ ନଦୀ ଗର୍ଭରେ ପ୍ରାୟ ୧୦୦ ଏକର ଚାଷ ଜମି ଲୀନ ହୋଇ ସାରିଛି । ବିଶେଷକରି ଧାନ ଏବଂ ପରିବା ଜମି ନଦୀରେ ମିଶିଛି। ଆଡିବନ୍ଧରେ ପଥର ପ୍ୟାକିଂ କରିବା ନିମନ୍ତେ ଗ୍ରାମବାସୀ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ସେଥିରେ କୌଣସି ସୁଫଳ ମିଳିପାରିନାହିଁ । ରାଜ୍ୟ ସରକାର ପ୍ରତିବର୍ଷ ପଥର ପ୍ୟାକିଂ ବନ୍ଧ ନିର୍ମାଣ ପାଇଁ ଅର୍ଥ ବ୍ୟୟ କରୁଛନ୍ତି । ମାତ୍ର ସେଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରି ବିଭିନ୍ନ ବନ୍ଧର ରକ୍ଷଣାବେକ୍ଷଣ ନାଁରେ ଅର୍ଥ ବ୍ୟୟ କରୁଥିବା ଅଭିଯୋଗ ହେଉଛି।

## ପଥର ପ୍ୟାକିଂ, ଏସ୍‌କେଫ୍ ନିର୍ମାଣ ଉପରେ ଗୁରୁତ୍ୱ


ନଦୀକୂଳରେ ଅତଡା ଖସି ଗାତ ସୃଷ୍ଟି ହୋଇଛି ।

ବ୍ରହ୍ମଣୀ ଓ କାଣୀ ନଦୀ ପାର୍ଶ୍ୱରେ ୨ ମିଟର ଉଚ୍ଚତା ବିଶିଷ୍ଟ ପଥର ବନ୍ଧ (ଏସ୍‌କେଫ୍) ନିର୍ମାଣ କରାଗଲେ ଚାଷୀମାନଙ୍କ ବହୁ ଦିନର ସମସ୍ୟା ଦୂର ହୋଇ ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ବ୍ରାହ୍ମଣୀ ନଦୀର ଦକ୍ଷିଣ ପାର୍ଶ୍ୱ ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ଅଧୀନରେ ଥିବା ବେଳେ ନଦୀ ପାଖ ଜମି ଓ ଗ୍ରାମର ସୁରକ୍ଷା ପାଇଁ ଅନେକ ସ୍ଥାନରେ ଏସ୍‌କେଫ୍ ନିର୍ମାଣ ସହିତ ପଥର ପ୍ୟାକିଂ କରାଯାଇଛି । ମାତ୍ର ଆଳି ତଟବନ୍ଧ ବିଭାଗ ଅଧୀନରେ ଥିବା ବ୍ରାହ୍ମଣୀ ବାମ ପାର୍ଶ୍ୱ ଓ କାଣୀନଦୀ ଦକ୍ଷିଣ ପାର୍ଶ୍ୱ ଜମି ଓ ଗ୍ରାମର ସୁରକ୍ଷା ନିମନ୍ତେ କୌଣସି ପଦକ୍ଷେପ ନିଆଯାଉନାହିଁ । ଏହି ସମସ୍ୟା ସମାଧାନ ପାଇଁ ପ୍ରଶାସନିକ ଅଧିକାରୀଙ୍କ ସମେତ ନିର୍ବାଚିତ ପ୍ରତିନିଧି ପଦକ୍ଷେପ ନେବା ଜରୁରୀ ବୋଲି ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ଅଣ୍ଟରା ସରପଞ୍ଚ କଳ୍ପନା ଜେନା, ଅମୃତମଣୋହି ସରପଞ୍ଚ ନିରୁପମା ଦାସ, ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ସାମାଜିକ କର୍ମୀ ହିମାଂଶୁ ବିଶ୍ୱାଳ, ନରେନ୍ଦ୍ର ଧଳ ପ୍ରମୁଖ ଦାବି କରିଛନ୍ତି । ଏ ସମ୍ପର୍କରେ ତଟବନ୍ଧ ବିଭାଗ ସହକାରୀ ଯନ୍ତ୍ରୀ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଏସ୍‌କେଫ୍‌ର ଆବଶ୍ୟକତା ରହିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଯିବ। ସେମାନେ ସମ୍ପୃକ୍ତ ସ୍ଥାନ ପରିଦର୍ଶନ କରିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ବାୟାବାବାଙ୍କ ଜନ୍ମପୀଠ ଆଶ୍ରମକୁ ୫ କୋଟି ଟଙ୍କା ଅନୁଦାନ

ରାଜନଗର,୧୭।୫(ଡି.ଏନ.ଏ.)

ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବାଙ୍କ ଜନ୍ମପୀଠ କେରେଡାଗଡ଼ଠାରେ ରହିଛି କଳ୍ପତରୁ ଆଶ୍ରମ। ଏହି ଆଶ୍ରମରେ ବାୟାବାବାଙ୍କ ପୂଜାର୍ଚ୍ଚନା ସହ ଅହୋରାତ୍ର ନାମ ସଂକୀର୍ତ୍ତନ କରାଯାଉଛି। ଉକ୍ତ ଆଶ୍ରମରେ ବାବାଙ୍କ ଜନ୍ମୋତ୍ସବ, ତିରୋଧାନ ଦିବସ, ମାଆଙ୍କ ତିରୋଧାନ ଉତ୍ସବ ସହିତ ଗହ୍ମା ଝୁଲଣ, ଦୋଳ ଝୁଲଣ, ଜନ୍ମାଷ୍ଟମୀ ଏବଂ ପ୍ରତ୍ୟେକ ପୂର୍ଣ୍ଣିମାରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ। ଏହି ପୀଠରେ ମୁଠି ଚାଉଳରେ ନୀତିକାନ୍ତି ହେଉଥିଲା। ଗତମାସ ୨୮ ତାରିଖ ଦିନ ୫-ଟି ସଚିବ ଭି.କେ. ପାଣ୍ଡିଆନ ବାବାଙ୍କ ଜନ୍ମପୀଠ ଆଶ୍ରମକୁ ଆସି ଆଗାମୀ ୨ଶହ ବର୍ଷକୁ ଆଖି ଆଗରେ ରଖି ଆଶ୍ରମର ଉନ୍ନତୀକରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଐତିହ୍ୟ ପର୍ଯ୍ୟଟନସ୍ଥଳୀ ଯୋଜନାରେ ଶ୍ରୀମଦ୍ ବାୟାବାବା ଜନ୍ମପୀଠ ଆଶ୍ରମର ଉନ୍ନତୀକରଣ ପାଇଁ ୫ କୋଟି ଟଙ୍କା ପ୍ରଦାନ କରିଛନ୍ତି । ବୁଧବାର ଏହି ଆଶ୍ରମରେ କଳ୍ପତରୁ ସେବାଶ୍ରମର ସଭାପତି ବ୍ରହ୍ମାନନ୍ଦ ତ୍ରିପାଠୀଙ୍କ ପୌରୋହିତ୍ୟରେ ଏକ ବୈଠକ ବସିଥିଲା। କମିଟିର ସମ୍ପାଦକ କପିଳେନ୍ଦ୍ର ଦାସ, ଉପସଭାପତି ଅନନ୍ତ ଚରଣ ରାଉତ, ସଦସ୍ୟ ନବ କିଶୋର ପାତ୍ର, ନଟବର ରାଉତ, ଅକ୍ଷୟ କୁମାର ରାଉତ, କୃଷ୍ଣଚନ୍ଦ୍ର ପ୍ରଧାନ, ବେଣୁଧର ନନ୍ଦ ପ୍ରମୁଖ ଶତାଧିକ ଭକ୍ତ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟକ ଧ୍ରୁବ ସାହୁ ଓ ୫-ଟି ସଚିବ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅର୍ଥରେ ପୀଠର ଉନ୍ନତୀକରଣ ହେଲେ ଆଶ୍ରମ ନୂଆ ରୂପ ପାଇବ ବୋଲି ବୈଠକରେ ଆଲୋଚନା କରାଯାଇଛି।

# ବିକାଶ ପାଇଁ ମିଳିଲା ସରକାରୀ ଅନୁଦାନ

## ମୁଖ୍ୟମନ୍ତ୍ରୀଙ୍କ ଶୁଭମନାସୀ ପ୍ରାର୍ଥନା କଲେ ଉଭୟ ସମ୍ପ୍ରଦାୟ



ମହାକାଳପଡ଼ା,୧୭।୫(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଉଳ କଣି ପଞ୍ଚାୟତରେ ଦୀର୍ଘବର୍ଷ ହେବ ବସବାସ କରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନଙ୍କ ମୁହଁରେ ହସ ଫୁଟିଛି । ସେମାନଙ୍କ ଗୀର୍ଜା ଓ ମସଜିଦର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଟାଙ୍କିବେଲାରିଠାରେ ବାପିଷ୍ଟି ଚର୍ଚ୍ଚ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମିଳିଥିବା ବେଳେ ସେହି ଗ୍ରାମର ସୁନ୍ନି ସମ୍ପ୍ରଦାୟର ତେନ୍ତୁଳ ମସ୍‌ଜିଦ ଓ ମାଦ୍ରାସାର ଉନ୍ନତି କରଣ ପାଇଁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମିଳିଛି । ଏହାକୁ ନେଇ ବୁଧବାର ଉଭୟ ସମ୍ପ୍ରଦାୟର ଲୋକମାନେ ପୃଥକ ପୃଥକ ଭାବେ ମିଳିତ ହୋଇ ସାମୂହିକ ପ୍ରାର୍ଥନା କରି ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ ଜୀବନ କାମନା କରିଥିଲେ । ଏଥିସହ ସ୍ଥାନୀୟ ବିଧାୟଙ୍କ ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ୫-ଟି ସଚିବ ଭି.କେ.ପାଣ୍ଡିଅନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ବାପିଷ୍ଟି ଚର୍ଚ୍ଚର ସଭାପତି ସୁରେନ୍ଦ୍ର ନାଥ ବେହେରା, ସମ୍ପାଦକ ସାମୁଏଲ ରାଉତ, ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ସୁଜାତା ସାମଲ, ଉଦୟ ନାଥ ବେହେରା, ସଞ୍ଜୟ ସ୍ୱାଇଁ, ସ୍ୱରୂପ ସାମଲ, ସୁରେନ୍ଦ୍ର ଜେନା, ଶୈଳେନ୍ଦ୍ର ସାମଲ, ଆମସମ ବେହେରା, ପ୍ରତାପ ମହାରଣା, କୁଳମଣି ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ । ସେହିପରି ଉକ୍ତ ଗ୍ରାମର ସୁନ୍ନି ସମ୍ପ୍ରଦାୟର ତେନ୍ତୁଳ ମସ୍‌ଜିଦର ମଦରସା ଗୁଲସାନ ରାଜା ପାଠଶାଳା ନିର୍ମାଣ ପାଇଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିବାରୁ ମୌଲବୀ ଅବଦୁଲ ମାଜିଦଙ୍କ ସମେତ ସଭାପତି ନର୍ଷଦ ଅଲିଶା, ସମ୍ପାଦକ ସାମ ସୁଦ୍ଦିନ, ଗ୍ରାମର ମୁରବୀ ନୌସେନ ଅଲିଶା, ସେକ୍ ସାମ ସୁଦ୍ଦିନ, ରହେମନ ଅଲିଶା, କାସେଦ ଅଲିଶା, ଜହିର ଖାଁ, ଶେଖ କାଲ ମୁଦ୍ଦିନ, ଦର୍ବେସ ଅଲିଶା, ଶେକ ଆବାସଙ୍କ ସମେତ ମହିଳା ପୁରୁଷ ଓ କୁନି କୁନି ପିଲାମାନେ ଉପସ୍ଥିତ ଥିଲେ।

# ଶ୍ରୀଦଧିବାମନଜୀଉଙ୍କ ପୀଠର ବିକାଶ ପାଇଁ ୫ କୋଟି

## ଶିକ୍ଷାନୁଷ୍ଠାନ,ଦେବାଳୟ ପାଇଁ ୪ କୋଟି ୭୧ ଲକ୍ଷ ଟଙ୍କାର ଅନୁଦାନ

ଡେରାବିଶ,୧୭।୫(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତସ୍ଥିତ ଶ୍ରୀଦଧିବାମନଜୀଉଙ୍କ ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୫ କୋଟି ଟଙ୍କାର ଅନୁଦାନ ମିଳିଛି। ବୁଧବାର ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଏକ ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି।



ଅଧ୍ୟକ୍ଷା ମଲିକ କହିଛନ୍ତି, ଏପ୍ରିଲ ୨୭ ଓ ୨୮ ଦୁଇଦିନ ଧରି ୫-ଟି ସଚିବ ଭିକେ ପାଣ୍ଡିଆନ୍ କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଥିଲେ । ଏହି ଅବସରରେ ସେ ଶ୍ରୀଦଧିବାମନଜୀଉଙ୍କୁ ଦର୍ଶନ କରିଥିଲେ। ଏହି ସମୟରେ ପୀଠର ବିକାଶ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ପାଣ୍ଡିଆନ୍‌ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏଥିସହିତ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଦେବାଳୟର ଉନ୍ନତିକରଣ ପାଇଁ ମନ୍ଦିର କର୍ମକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀ ମଧ୍ୟ ଦାବିପତ୍ର ପ୍ରଦାନ କରିଥିଲେ । ସେହିପରି ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକ ସେମାନଙ୍କ ବିଦ୍ୟାଳୟର ସମସ୍ୟା ବିଷୟରେ ପାଣ୍ଡିଆନ୍‌ଙ୍କ ସହ କଥା ହୋଇଥିଲେ । ଏହି ପରିପ୍ରେକ୍ଷୀରେ ଏପ୍ରିଲ ୨୯ ତାରିଖରେ ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଉନ୍ନତିକରଣ ପାଇଁ ୨କୋଟି ୭୫ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ପ୍ରଦାନ କରାଯାଇଛି । ସେହିପରି ବିଭିନ୍ନ ଦେବାଳୟର ବିକାଶ ପାଇଁ ୧ କୋଟି ୯୬ ଲକ୍ଷ ଟଙ୍କାର ଅନୁଦାନ ଗତ ୧୫ ତାରିଖରେ ଆସିଥିବା ବେଳେ ଶ୍ରୀଦଧିବାମନଜୀଉଙ୍କ ପୀଠର ଉନ୍ନତିକରଣ ପାଇଁ ୫ କୋଟି ଟଙ୍କାର ଅନୁଦାନ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ମିଳିଛି । ଏହାକୁ ନେଇ ଅଧ୍ୟକ୍ଷା ମଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ପାଣ୍ଡିଅନ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଲକ୍ଷ୍ମୀବରାହ ଜୀଉ ସମେତ ୬ ମନ୍ଦିରର ହେବ ନବୀକରଣ

ଆଳି,୧୭।୫(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଗସ୍ତ ଅବସରରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଆଳି ବ୍ଲକର ଶ୍ରୀଲକ୍ଷ୍ମୀବରାହଜୀଉଙ୍କ ଦର୍ଶନ କରିଥିଲେ। ଏହି ମନ୍ଦିରର ବିକାଶ ପାଇଁ ସେ ବିଭିନ୍ନ ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ଲକ୍ଷ୍ମୀବରାହ ମନ୍ଦିର ସମେତ ବିଭିନ୍ନ ଦେବଦେବୀ ମନ୍ଦିରର ନବୀକରଣ ଓ ସାମୂହିକ କାର୍ଯ୍ୟ ନିମନ୍ତେ ୯ କୋଟି ୪୫ ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯାଇଛି। ଲକ୍ଷ୍ମୀବରାହ ଜୀଉ ମନ୍ଦିର ପୁନରୁଦ୍ଧାର ନିମନ୍ତେ ହେରିଟେଜ ଯୋଜନାରେ ୮ କୋଟି ଟଙ୍କା ଅନୁଦାନ ମିଳିଥିବା ବେଳେ ବ୍ଲକର ଯାଦବ ସଂଘ ରାଧାକୃଷ୍ଣ ମନ୍ଦିରର ପୁନରୁଦ୍ଧାର ନିମନ୍ତେ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଦେସାହିରେ ଥିବା ଦଧିବାମନ ଜୀଉ ମନ୍ଦିର ଉନ୍ନତିକରଣ ନିମନ୍ତେ ୧୫ ଲକ୍ଷ, ତୁଳସୀସ୍ଥିତ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ନିମନ୍ତେ ୧୦ ଲକ୍ଷ ଟଙ୍କା, ଲୋକାପଡ଼ା କପିଳେଶ୍ୱର ମହାଦେବ ମନ୍ଦିର ନିମନ୍ତେ ୧୦ ଲକ୍ଷ, ବଞ୍ଚିହିସ୍ଥିତ ଇଶାଣେଶ୍ୱର ମହାଦେବ ମନ୍ଦିର ନିମନ୍ତେ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏରସ୍ଥିତ ବିଦ୍ୟୁତ୍ ପ୍ରଭା ସାହିତ୍ୟ ସଂସଦ ଗୃହର ଉନ୍ନତିକରଣ ନିମନ୍ତେ ୫ ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ପତ୍ରପୁରଠାରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ବାବଦରେ ୧୫ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି । ଜୁଆଣିଆ ପଞ୍ଚାୟତରେ ଏକ କଲ୍ୟାଣ ମଣ୍ଡପ ନିମନ୍ତେ ୧୫ ଲକ୍ଷ, ଦେମାଳରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ନିମନ୍ତେ ୨୦ ଲକ୍ଷ ଓ ଆଳି ବସ୍ ଷ୍ଟପ ନିକଟରୁ ଚଉବନ ମାଇଲ ପର୍ଯ୍ୟନ୍ତ ଏକ ଡ୍ରେନ ନିର୍ମାଣ ନିମନ୍ତେ ୨୫ ଲକ୍ଷ ଟଙ୍କା ଅର୍ଥ ଅନୁଦାନ ଆସିଥିବା ସୂଚନା ମିଳିଛି । ଆଳି ଅଞ୍ଚଳର ଦେବାଦେବୀ ମନ୍ଦିରର ପୁନରୁଦ୍ଧାର ଓ ସାମୁହିକ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ଅନୁଦାନ ରାଶି ଯୋଗାଇଥିବାରୁ ଆଳି ବ୍ଲକର ଉକ୍ତ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଶକ୍ତି ଶିଳ୍ପ ଓ ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।


ଲକ୍ଷ୍ମୀବରାହ ଜୀଉ ମନ୍ଦିର ।

# ସାର ବୋଝେଇ ଟ୍ରକ ଚାପାରେ ଯୁବକ ମୃତ

ପାରାଦୀପ, ୧୭।୫(ସ୍ୱ.ପ୍ର.) : ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କି ଦୋଛକି ରାସ୍ତାର ତାରିଣୀଗଡ଼ା ପାଖରେ ବୁଧବାର ଅପରାହ୍ନରେ ଦୁର୍ଘଟଣା ଘଟିଛି । ଏକ ସାର ବୋଝେଇ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେ ହେଲେ ନାଉଗାଁ ଥାନା ଅଞ୍ଚଳର ସରବା ହାତୀ (୪୨)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ରାସ୍ତା ଉପରେ ପହଞ୍ଚି ପ୍ରଶାସନ ବିରୋଧରେ ଆନ୍ଦୋଳନ

### ତାରିଣୀଗଡ଼ାଠାରେ ଉତ୍ତେଜନା

ଚଳାଇଛନ୍ତି। ସରବା ତାରିଣୀଗଡ଼ାଠାରେ ଭଡ଼ାରେ ରହୁଥିଲେ । ଅପରାହ୍ନ ସାଢେ ୨ଟାରେ ସେ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଟ୍ରକ୍ ସହିତ ଧକ୍କା ହୋଇଥିଲା । ସେ ତଳେ ପଡ଼ି ଯାଇଥିଲେ । ଟ୍ରକ୍‌ର ପଛ ଚକା ଚଢ଼ିଯିବାରୁ ତାଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ପରେ ପୋଲିସ ପହଞ୍ଚି ମୃତଦେହକୁ ବିଜୁ ମେମୋରିଆଲ ହସ୍ପିଟାଲ ପଠାଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ରାସ୍ତା ଉପରେ ଉତ୍ତେଜନା ଜାରି ରହିଛି। ସୂଚନାଯୋଗ୍ୟ, ଏହି ଅଠରବାଙ୍କି ଦୋଛକି ରାସ୍ତାରେ ପ୍ରାୟ ସମୟରେ ଦୁର୍ଘଟଣା ଘଟୁଛି। ଚଳିତବର୍ଷ ୫ ମାସ ମଧ୍ୟରେ ୪ ଜଣଙ୍କ ମୃତ୍ୟୁ ଦୁର୍ଘଟଣା ଯୋଗୁ ଘଟିଛି। ଏଥିପାଇଁ ଆନ୍ଦୋଳନ, ଦାବିପତ୍ର ଦେବା ସତ୍ତ୍ୱେ ଏପର୍ଯ୍ୟନ୍ତ ଭାରୀଯାନ ପାର୍କିଂ ସମସ୍ୟା ଦୂର ହୋଇ ପାରୁନାହିଁ।

# ବରାଗୋଳରେ ନୂତନ କୃଷି ସମବାୟ ସମିତି ଉଦ୍‌ଘାଟିତ

ରଘୁନାଥପୁର, ୧୭।୫ (ଡି.ଏନ.ଏ.): ରଘୁନାଥପୁର ବ୍ଲକ ଅଧୀନ ବରାଗୋଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଏକ ଗୃହରେ ନୂତନ ଈଷାଣେଶ୍ୱର କୃଷି ସେବା ସମବାୟ ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରଘୁନାଥପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଅଭୟ କୁମାର ପରିଡା ଯୋଗଦେଇ ସମିତି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ସଭାରେ ସମ୍ମାନୀତ ଅତିଥି ଭାବେ ଏଆରସିଏସ୍ କାର୍ଯ୍ୟାଳୟର କିରାଣି ପ୍ରଦୀପ କୁମାର ବେହେରା, ସରପଞ୍ଚ ଜୟନ୍ତୀ ଦାସ ଓ ତରିକୁନ୍ଦ ସେବା ସମବାୟ ସମିତି ସମ୍ପାଦକ ସାରଦା ପ୍ରସନ୍ନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ସାମାଜିକ କର୍ମୀ ନିରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ସ୍ୱାଇଁ, ହୃଷୀକେଶ ଦାସ, ଝରେନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ।

ଆବଶ୍ୟକ CNC ଅପରେଟର୍ସ - 5 ବର୍ଷର ଅଭିଜ୍ଞତା, ଲେଥ୍ ମେସିନ୍ ଅପରେଟର୍ସ, ମେକାନିକାଲ୍ ଫିଟର୍ସ / ରକ୍ଷଣାବେକ୍ଷଣ ଏବଂ ଜେନେରାଲ୍ ମେସିନ୍ ଅପରେଟର୍ସ, ହେଲପର୍ସ | ଆମର ନୂତନ କାରଖାନା ପାଇଁ ହାଇଦ୍ରାବାଦ, 9676901354, ଇମେଲ: jrspldis@gmail.com ରେ ଲକ୍ଷ୍ମଣଙ୍କ ସହିତ ଯୋଗାଯୋଗ କରନ୍ତୁ |

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.11/ET/SBP/ENGG/2023-24, ତା.12.05.2023ରିଖ

ଇ-ଟେଣ୍ଡର ସଂ.11-eT-SDENE-SBP-23

କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ପରିସୀମା ଅଧୀନସ୍ଥ ହଣ୍ଡପା-ବଉଣ୍ଡା ସେକ୍ସନରେ କି.ମି.116/6-8(UP) ଠାରେ ସାଇଡ୍ ଡ୍ରେନ୍‌ଗୁଡ଼ିକର ମରାମତି ଏବଂ କି.ମି.116/6-9(DN) ଠାରେ ୱାୟର ରୋପ ନେଟ୍ (Wire rope net) ଦ୍ୱାରା ବୋଲ୍ଡର ଅପସାରଣ ଏବଂ ସ୍ଲୋପ ସୁରକ୍ଷା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,19,67,608.81, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,09,900/-, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.05.06.2023ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଉଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର

PR-179/O/23-24

# ଲାଞ୍ଚ ନ ଦେଲେ ଉନ୍ନୟନମୂଳକ କାର୍ଯ୍ୟ ହେଉନି

ନାଉଗାଁ,୧୭।୫(ସ୍ୱ.ପ୍ର.)

- ନାଉଗାଁ ବ୍ଲକ ଘୋଡାଂଶ ସରପଞ୍ଚଙ୍କ ଖବରଦାତା ସମ୍ମିଳନୀ
- ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ କଲେ ମିଥ୍ୟା ମାମଲା ଧମକ
- ସରପଞ୍ଚଙ୍କ ଅଗୋଚରରେ ଟଙ୍କା ଉଠାଣ
- କଣ୍ଟିଜେନ୍ସି, ସୁଧ ଅର୍ଥର ଖର୍ଚ୍ଚ ତାଲିକା ମାଗିବାରୁ ପ୍ରଶାସନର ବିରୋଧ



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ନେତୃବୃନ୍ଦ ।

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଘୋଡାଂଶ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ସରପଞ୍ଚ ନୀହାର ରଞ୍ଜନ ବଡ଼ିଆ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରିଥିଲେ। ଏଥିରେ ସେ ବ୍ଲକରେ ହେଉଥିବା ଦୁର୍ନୀତି ସମ୍ପର୍କରେ ମୁହଁ ଖୋଲିଥିଲେ। ବ୍ଲକରେ ଥିବା ପ୍ରଶାସନିକ ଅଧିକାରୀମାନେ ଉତ୍କୋଚ ନ ନେଲେ କୌଣସି ଉନ୍ନୟନମୂଳକ କାର୍ଯ୍ୟର ଫାଇଲ କାମ ହେଉନାହିଁ। ଏପରି କି ପଞ୍ଚାୟତରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟର ଶତକଡ଼ା ୨ ଭାଗ ୱାର୍କ କଣ୍ଟିଜେନ୍ସି ହିସାବରେ ରଖାଯାଇଥାଏ। ସେହିପରି ରାଜ୍ୟ, କେନ୍ଦ୍ର ସରକାରଙ୍କ ଦ୍ୱାରା ପଞ୍ଚାୟତକୁ ଆସୁଥିବା ବିଭିନ୍ନ ପ୍ରକଳ୍ପ ପାଇଁ ଅନୁଦାନ ଅର୍ଥର ସୁଧ ଟଙ୍କା କେଉଁ ବାଟରେ ଖର୍ଚ୍ଚ କରାଯାଉଛି ସେ ସମ୍ପର୍କରେ ବିଡିଓଙ୍କୁ ପଚାରିବାରେ ସେ କୌଣସି ତଥ୍ୟ ପ୍ରଦାନ କରୁନାହାନ୍ତି। ସେହିପରି ଉକ୍ତ ଅର୍ଥ କେଉଁ ବାଟରେ ଖର୍ଚ୍ଚ କରାଯାଇଛି ଜନ ସୂଚନା ଅଧିକାର ଆଇନ ବଳରେ ମାଗିଲେ ତାହା ମିଳୁ ନ ଥିବା ସରପଞ୍ଚ ବଡ଼ିଆ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ ଘୋଡାଂଶ ପଞ୍ଚାୟତରେ ସର୍ବାଧିକ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ସେଥିରୁ କିଛି ବିଲ୍ କରାଯାଇଥିବା ବେଳେ ଅବଶିଷ୍ଟ ବିଲ ବର୍ତ୍ତମାନ ମଧ୍ୟ ହୋଇନାହିଁ। ବିଲ୍ କରିବାକୁ ବାରମ୍ବାର ବ୍ଲକକୁ ଯିବା ସମୟରେ ଜଣେ ଜିଆରଏସ୍ ୭୪ ହଜାର ଟଙ୍କା ମୋତେ ଲାଞ୍ଚ ମାଗିଥିଲେ। ଲାଞ୍ଚ ବାବଦକୁ ଟଙ୍କା ନ ଦେବାରୁ ପଞ୍ଚାୟତର କୌଣସି ବିଲ୍ କରାଯାଉନାହିଁ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସରପଞ୍ଚ ହେବା ପରେ ତତ୍‌କାଳୀନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ ପ୍ରଧାନ ପଞ୍ଚାୟତର ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ମାଗିଥିଲେ। କୌଣସି କାମରେ ବାହାରକୁ ଯାଉଥିବାରୁ ବିଶ୍ୱାସରେ ଉକ୍ତ ଡିଏସ୍‌ସିକୁ ତାଙ୍କୁ ହସ୍ତାନ୍ତର କରିଥିଲି। ପରେ ଜାଣିବାକୁ ପାଇଲି ଯେ, ଉକ୍ତ ଡିଏସ୍‌ସି ମାଧ୍ୟମରେ ବିଭିନ୍ନ ସମୟରେ ୨ ଲକ୍ଷ ୮୬ ହଜାର ୬ଶହ ୨୦ ଟଙ୍କା ହଡ଼ପ କରାଯାଇଛି। ମୋ ବିନା ଦସ୍ତଖତରେ ଉକ୍ତ ଟଙ୍କା କିପରି ଉଠାଗଲା ସେ ବିଷୟରେ ବିଡିଓଙ୍କୁ ଜଣାଇଥିଲି। କିନ୍ତୁ ବିଡିଓ ଏ ପ୍ରସଙ୍ଗରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଉକ୍ତ ବିଷୟରେ ଜିଲାପାଳଙ୍କ ଜନଶୁଣାଣି ଓ ଡିଆରଡଏର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲି। ଘୋଡାଂଶ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କୌଣସି ପ୍ରକଳ୍ପ ନିର୍ମାଣ କରା ନ ଯାଇ ଲକ୍ଷାଧିକ ଟଙ୍କା ବିଲ ହୋଇଥିବାବେଳେ ସରପଞ୍ଚ ହେବା ପରେ କାର୍ଯ୍ୟ କରିମଧ୍ୟ ମୋର ବିଲ କରାଯାଉନାହିଁ। ପଞ୍ଚାୟତରେ ଯୋଗ ଦେଇଥିବା ନୂତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କର ସ୍ପେସିମେନ ବିଡିଓ ଦସ୍ତଖତ କରୁ ନ ଥିବାରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପ୍ରକଳ୍ପ ସରିଥିଲେ ମଧ୍ୟ ବିଲ ହୋଇପାରୁନାହିଁ। ଜିପିଓ ଦିନେଶ ରାୟ ବ୍ଲକରେ ରହୁଥିବା ଷ୍ଟାଫ କ୍ୱାର୍ଟର୍ସର ବିଦ୍ୟୁତ୍ ସଂଯୋଗ କାହା ନାମରେ ରହିଛି, କ୍ୱାର୍ଟର୍ସ କାହା ନାମରେ ଆଲର୍ଟ ହୋଇଛି ତାହା ତଦନ୍ତ ସାପେକ୍ଷ । ଉକ୍ତ ଦୁର୍ନୀତି ସମ୍ପର୍କରେ ମୁହଁ ଖୋଲିଲେ ମିଥ୍ୟା ମାମଲାରେ ଫସାଇବାକୁ ଧମକ ଦିଆଯାଉଥିବା ସରପଂଚ ବଡ଼ିଆ କହିଛନ୍ତି। ମୋ ଅଜଣାତରେ ଉଠାଯାଇଥିବା ଟଙ୍କା ସମ୍ବନ୍ଧରେ ମେ ୧୫ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିବା ସହ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗର ସଚିବ, ଜିଲାପାଳ, ଏସ୍‌ପିଙ୍କୁ ଅବଗତ କରାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଯଦି ସରପଞ୍ଚ ଭାବେ ମୁଁ କୌଣସି ଦୁର୍ନୀତିରେ ଲିପ୍ତ ଅଛି ତାହାର ମଧ୍ୟ ତଦନ୍ତ କରାଯାଉ। ଯଦି ଆଗାମୀ ୭ ଦିନ ମଧ୍ୟରେ କୌଣସି ତଦନ୍ତ ନ ହୁଏ ତେବେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସି ରହିବେ ବୋଲି ସରପଞ୍ଚ ବଡ଼ିଆ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ମଲିକଙ୍କୁ ପଚାରିବାରେ କଣ୍ଟିଜେନିସ ଅର୍ଥ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଲଗାଯାଇଥାଏ। ସରପଞ୍ଚ ନିହାର ବଡ଼ିଆ ମିଥ୍ୟା ଅଭିଯୋଗ ଆଣିଛନ୍ତି। ସେ ବ୍ଲକରେ ବିଭିନ୍ନ ସମୟରେ ବିଶୃଙ୍ଖଳା କରିବା ସହ ଅଧିକରୀମାନଙ୍କୁ ଅସମ୍ମାନିତ କରୁଥିଲେ। ଯାହାକୁ ନେଇ ତାଙ୍କୁ ବ୍ଲକ ଆସିବାକୁ ମନା କରାଯାଇଥିଲା। ପରେ କେତେଜଣ ଜନ ପ୍ରତିନିଧି ଓ କର୍ମଚାରୀ ବସି ସମାଧାନ କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀ ସରପଞ୍ଚ ବଡ଼ିଆଙ୍କ ସମେତ ସାମାଜିକ କର୍ମୀ ବନୋଜ କୁମାର ମାହନ୍ତି, ସୁଜିତ କୁମାର ରାଉତ, ହିମାଂଶୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ପାର୍କିଂ ପାଇଁ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ କାଟାଲଗ ନଂ.: ପାର୍କ-କେଜିପି-୨୩-୦୯, ତାରିଖ: ୧୫।୦୫।୨୦୨୩।

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ, ୩ (ତିନି) ବର୍ଷ ଅବଧି ପାଇଁ ବିଆରଡିବି, ବିଟିକ୍ୟୁ, ଏଚ୍‌ଏଲ୍‌ଜେଡ୍, କେଜିପିଠାରେ ଦୁଇଚକିଆ ପାର୍କିଂ ନିମନ୍ତେ ୪ (ଚାରି) ଗୋଟି ପାର୍କିଂ ଲଟ୍ ଏବଂ ସିକେୟୁ ରେଳ ଷ୍ଟେଶନ ପରିସରରେ ମିଶ୍ରିତ ପାର୍କିଂ ଲାଗି ୧ (ଏକ) ଗୋଟି ପାର୍କିଂ ଲଟ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା ୱେବ୍‌ସାଇଟ୍ https://www.ireps.gov.inରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ଲଟ୍ ସଂଖ୍ୟା | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ଦୁଇଚକିଆ ପାଇଁ ପାର୍କିଂ ଲଟ୍ | ପାର୍କ-କେଜିପି-୨୩-୦୯ | ୦୫ | ୦୧।୦୬।୨୩ | ୧୧.୦୦ ଘଟିକା | ୧୨.୧୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-174) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## ସଂକ୍ଷେପରେ

### ହତ୍ୟା ଉଦ୍ୟମ ମାମଲା, ୩ ଗିରଫ

ଦିଗପହଣ୍ଡି,୧୭।୫(ଡି.ଏନ.ଏ.): ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ଦିଗପହଣ୍ଡି ବ୍ଲକ ଫାସିଗୁଡା ଗ୍ରାମର ରୋହିତ ସେଠୀଙ୍କୁ ହତ୍ୟା ଉଦ୍ୟମ ମାମଲାରେ ଜଣେ ନାବାଳକଙ୍କ ସମେତ ୪ ଜଣଙ୍କୁ ଦିଗପହଣ୍ଡି ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଫାସିଗୁଡା ଗ୍ରାମର ଅଜୟ୍ କୁମାର ସେଠୀ, ଭାଷ୍ମଗିରି ଗ୍ରାମର ବଳରାମ ଓରଫ ପ୍ରଦୀପ କୁମାର ମହାନ୍ତି ଓ ପଦ୍ମନାଭପୁର ଗ୍ରାମର ଆଦିତ୍ୟ ନାୟକ। ସୂଚନା ପ୍ରକାରେ, ରୋହିତ ଓ ଅଜୟଙ୍କ ମଧ୍ୟରେ ବ୍ୟବସାୟିକ ଟଙ୍କା ନେଣଦେଣକୁ କେନ୍ଦ୍ରକରି ଶତ୍ରୁତା ଲାଗିରହିଥିଲା। ଗତ ସୋମବାର ସନ୍ଧ୍ୟାରେ ରୋହିତ ବଜାରକୁ ଯିବା ସମୟରେ ମା’ ପୋଲକାଶୁଣୀ ଚଣ୍ଡି ମନ୍ଦିର ନିକଟରେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏନେଇ ମଙ୍ଗଳବାର ରୋହିତ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ଘଟଣାରେ ସମ୍ପୃକ୍ତ ଜଣେ ନାବାଳକ ସମେତ ୩ ଅଭିଯୁକ୍ତଙ୍କୁ ପୋଲିସ ବିଭିନ୍ନ ସ୍ଥାନରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନା ମଞ୍ଜୁର ହେବାରୁ ସେମାନଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ନାବାଳକଙ୍କୁ ବ୍ରହ୍ମପୁର ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯିବା ପରେ ବ୍ରହ୍ମପୁର ସୁଧାରଗୃହକୁ ପଠାଯାଇଥିବା ଜଣାପଡିଛି।

### ଝରଣାରୁ ଅଚିହ୍ନା ବ୍ୟକ୍ତିଙ୍କ ଶବ ଜବତ

ପାରଳାଖେମୁଣ୍ଡି: ୧୭।୫ (ଡି.ଏନ୍.ଏ): ଗଜପତି ଜିଲା ଗାରବନ୍ଧ ଥାନା ଅଞ୍ଚଳ ତଥା ରାୟଗଡ ବ୍ଲକ ଗଙ୍ଗାବାଡ ପଞ୍ଚାୟତ ଅନ୍ତର୍ଗତ ଆମରିଂ ଗ୍ରାମ ନିକଟସ୍ଥ ଦୁର୍ଗମ ପାହାଡ ଉପରେ ଥିବା ଏକ ଝରଣାରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଶବ ଜବତ ହୋଇଛି। ପୋଲିସ ଗଳିତ ଶବକୁ ବୋହି ୨କିମି ରାସ୍ତା ଅତିକ୍ରମ କରିବା ପରେ ଆମରିଂ ଗ୍ରାମରେ ପହଞ୍ଚି ସେଠାରୁ ଆମ୍ବୁଲାନ୍ସ ଯୋଗେ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି । ସେ ନୀଳ ରଙ୍ଗର ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବା ବେଳେ ପାଉଁଶିଆ ରଙ୍ଗର ଟି ସାର୍ଟ ଏବଂ ବେକରେ କଳା ମାଳି ସହ ଏକ ରୁପାମାଳି ପିନ୍ଧିଥିବା ଜଣାପଡିଛି। ତାଙ୍କର ବୟସ ୨୫ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଶବଟି ପଚି ଶଢି ଯିବା ସହ ଫୁଲି ଯାଇଥିବାରୁ ଚିହ୍ନଟ ହୋଇପାରୁ ନାହିଁ। ଏହି ଘଟଣାର ତଦନ୍ତ ଏସଆଇ ନାରାୟଣ ଦାସ କରୁଥିବା ବେଳେ ଗାରବନ୍ଧ ଥାନାରେ ୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅନୁସନ୍ଧାନ ଚାଲୁ ରହିଥିବା ଥାନା ଅଧିକାରୀ ଗୋବିନ୍ଦ ଗୌଡ ସୂଚନା ଦେଇଛନ୍ତି।

### ବଜ୍ରପାତରେ ଭାଉଜ ମୃତ, ନଣନ୍ଦ ଗୁରୁତର

ବୁଗୁଡ଼ା,୧୭।୫(ଡି.ଏନ.ଏ.): ବୁଗୁଡ଼ା ଥାନା ଖୋଲଖାଲି ପଞ୍ଚାୟତ ଅନ୍ତର୍ଗତ ବେଲପୁର ଗ୍ରାମରେ ବଜ୍ରପାତ ଘଟି ବିଧବା ଭାଉଜ ଗୀତାଞ୍ଜଳି ସ୍ୱାଇଁ(୪୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ବିଧବା ନଣନ୍ଦ ଝୁନୁ ସ୍ୱାଇଁ(୪୮) ଗୁରୁତର ଆହତ ହୋଇଛନ୍ତି। ନଣନ୍ଦ ଓ ଭାଉଜ ଚାଷ ଜମିରେ ଚିନାବାଦାମ ଉପାଡୁଥିଲା ବେଳେ ବଜ୍ରପାତ ହୋଇଥିଲା। ପାଖ ଜମିରେ କାମ କରୁଥିବା ଲୋକେ ଉଭୟଙ୍କୁ ଉଦ୍ଧାର କରି ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ଗୀତାଞ୍ଜଳିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବୁଗୁଡା ପୋଲିସ୍ ମୃତଦେହ ଜବତ କରିଥିବା ବେଳେ ତହସିଲଦାର ସଂଗ୍ରାମ କେଶରୀ ଜେନା ଘଟଣାର ଅନୁସନ୍ଧାନ କରି ଫେରିଥିବା ଜଣାଯାଇଛି।

### ହୃଦ୍‌ଘାତରେ ଖବରଦାତାଙ୍କ ପରଲୋକ

ବାଲିଗୁଡ଼ା/ରାଇକିଆ ୧୭।୫ (ଡି.ଏନ.ଏ.): କନ୍ଧମାଳ ଜିଲା ରାଇକିଆ ବ୍ଲକର ଏକ ଘରୋଇ ଟିଭି ଚ୍ୟାନେଲର ପ୍ରତିନିଧି କୁନାଲ ବେହେରା (୩୭)ଙ୍କ ହୃଦଘାତରେ ମୃତ୍ୟୁ ହୋଇଛି। ମଙ୍ଗଳବାର ତାଙ୍କ ଛାତିରେ ସାମାନ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ପରିବାର ଲୋକେ ଭଞ୍ଜନଗର ଓ ପରେ ବ୍ରହ୍ମପୁରରେ ଚିକିତ୍ସା କରିବା ପରେ କଟକ ସ୍ଥାନାନ୍ତରିତ କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଉତ୍କଳ ସାମ୍ବାଦିକ ସଂଘର କନ୍ଧମାଳ ଜିଲା ସଭାପତି ସନ୍ତୋଷ କୁମାର ଦାଶଙ୍କ ସମେତ ସୁବାଷ ଚନ୍ଦ୍ର ମହାରଣା, ସତ୍ୟ ନାରାୟଣ ପାଢ଼ୀ, ମନୋରଞ୍ଜନ ରାୟ, ସଞ୍ଜୟ କୁମାର ପାଣିଗ୍ରାହୀ, ଶିବ ପ୍ରସାଦ ପାଢ଼ୀ, ଫିଲମୋହନ ନାୟକ, ସୁବାସ ଚନ୍ଦ୍ର ପ୍ରଧାନ, ବି.ଭି.ଶଙ୍କର, ସନ୍ତୋଷ ମିଶ୍ର, ଅଜିତ ମହାରଣା, ସଦାଶିବ ପାତ୍ର, ଶିଶିର ପଟ୍ଟନାୟକ, ସମୀର ପାଢ଼ୀ, ପ୍ରେମ ଚାନ୍ଦ ସିଂ, ବୈଦ୍ୟନାଥ ବେହେରା, ପ୍ରତାପ ଦିଗାଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଗାଁ ପାଣ୍ଠିରୁ ରାସ୍ତା ନିର୍ମାଣ କଲେ ବୁଡ଼ିଙ୍ଗବାସୀ

ଆର.ଉଦୟଗିରି,୧୭।୫(ଡି.ଏନ.ଏ.)

ଜିଲା ଓ ବ୍ଲକ ପ୍ରଶାସନକୁ ଗୁହାରି କରି ନିରାଶ ହେଲେ, ଶେଷରେ ଗ୍ରାମର ହିତ ପାଇଁ ଗ୍ରାମ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ ଗ୍ରାମବାସୀ। ଏଭଳି ଏକ ଚିତ୍ର ଦେଖିବା ପାଇଁ ମିଳିଛି ଗଜପତି ଜିଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ ମୋହନା ବ୍ଲକ କର୍ଚ୍ଚବାଡ଼ି ପଞ୍ଚାୟତର ବୁଡ୍ରିଙ୍ଗ୍ ଗ୍ରାମରେ। ୨୦୨୨-୨୩ ଆର୍ଥିକ ବର୍ଷରେ ଲେଖାରୀପଟା ଗ୍ରାମଠାରୁ ବୁଡ୍ରିଙ୍ଗ୍ ଗ୍ରାମ ଦେଇ ଡେଙ୍ଗାସଖାଲ ଯାଏ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଥିଲା। ଉକ୍ତ ରାସ୍ତା ଦେଇ ପ୍ରତିଦିନ ଶହ ଶହ ଯାନବାହନ ଯାତାୟାତ କରେ। ମୋହନା ସହରକୁ ଯିବା ପାଇଁ ମୋହନା ବ୍ଲକ ସମେତ ଆର. ଉଦୟଗିରି ବ୍ଲକର କିଛି ଗ୍ରାମର ଲୋକ ମଧ୍ୟ ଉକ୍ତ ରାସ୍ତା ଉପରେ ନିର୍ଭର କରନ୍ତି। କିନ୍ତୁ ଗ୍ରାମ ମଧ୍ୟଭାଗ ଦେଇ ରାସ୍ତାଟି ଯାଇଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହୋଇଥାନ୍ତି ଗ୍ରାମର ଜନସାଧାରଣ। ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ସ୍କୁଲ ଏବଂ ଅଙ୍ଗନୱାଡିକୁ ପାଠ ପଢିବା ପାଇଁ ଯାଉଥିବା ଛୋଟ ଛୋଟ ଛାତ୍ରୀଛାତ୍ର। ତେଣୁ ଗ୍ରାମ ମଧ୍ୟଦେଇ ଯାଇଥିବା ରାସ୍ତାକୁ ଗ୍ରାମର ସ୍କୁଲ ପଛ ଭାଗରୁ ନେଇ ଗ୍ରାମ ବାହାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାରେ ସଂଯୋଗ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଫଳରେ ଗ୍ରାମ ମଧ୍ୟରେ ଲୋକେ ସୁବିଧାରେ ଯା ଆସ କରିପାରିବେ ଏବଂ ଗ୍ରାମ ମଧ୍ୟରେ ହେଉଥିବା ଦୁର୍ଘଟଣାକୁ ମଧ୍ୟ ରୋକାଯାଇପାରିବ। ଏ ନେଇ ଜିଲାପାଳଙ୍କଠାରୁ ଆରମ୍ଭ କରି ମୋହନା ଗ୍ରାମ୍ୟ ନିର୍ମାଣ ବିଭାଗ ନିକଟରେ ଲୋକେ ଅଭିଯୋଗ କରିଥିଲେ, କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଫଳରେ ବାଧ୍ୟ ହୋଇ ଲୋକେ ଗ୍ରାମ ବୈଠକ କରି ନିଜ ଗ୍ରାମ ପାଣ୍ଠିରେ ଗଚ୍ଛିତ ଅର୍ଥ ରାଶିରୁ ରାସ୍ତା ନିର୍ମାଣ କରିବା ଆରମ୍ଭ କରିଛନ୍ତି ଗ୍ରାମର ମୁଖିଆ ଭଗବାନ ନାୟକ, ଅଧିକାରୀ କପିଳ ନାୟକ, କୋଷାଧ୍ୟକ୍ଷ ଫିଲିଫ ନାୟକ, ପେଦ୍ର ବେହେରା, ଅମିତ କୁମାର ବେହେରା, କୁଳକାନ୍ତ ନାୟକ, ରାଧାକାନ୍ତ ନାୟକ, ଖ୍ରୀଷ୍ଟଚନ୍ଦ୍ର ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ଦୟାନିଧି ନାୟକ, ଦେବରାଜ ନାୟକ ପ୍ରମୁଖ ଗ୍ରାମବାସୀ। ଜେସିବିରେ ପାହାଡ଼ କାଟି ଲୋକେ ରାସ୍ତା ନିର୍ମାଣ କରିବା ସହ ଉକ୍ତ ରାସ୍ତାକୁ ଗ୍ରାମ ବାହାରେ ସଂଯୋଗ କରିବେ। ଫଳରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ଯାତାୟାତ କରିବା ସହ ଗ୍ରାମବାସୀଙ୍କ ମଧ୍ୟ ସମସ୍ୟାର ସମାଧାନ ହୋଇପାରିବ।


ରାସ୍ତା ନିର୍ମାଣ କରୁଛନ୍ତି ଗ୍ରାମବାସୀ।

## ବେ-ବନ୍ଦୋବସ୍ତକୁ ନେଇ ବଢ଼ୁଛି ବିବାଦ

ଭାପୁର,୧୭।୫(ଡି.ଏନ୍.ଏ)

ରାଜସ୍ୱ ବିଭାଗର ସଂସ୍କାର ପାଇଁ ସରକାର ବହୁ ଉପଯୋଗୀ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ଭାପୁର ତହସିଲର ବହୁ ମୌଜାର ଭୁ-ବନ୍ଦୋବସ୍ତ ନ ହୋଇ ବେ-ବନ୍ଦୋବସ୍ତରେ ରହିଥିବାରୁ ବିବାଦ ବଢ଼ିଛି । ଏହା ସାଧାରଣ ଜମି ମାଲିକ ତଥା କୃଷକଙ୍କ ନିତିଦିନିଆ ଜୀବିକାରେ ବାଧା ସୃଷ୍ଟି କରୁଛି। ଭୁ-ବନ୍ଦୋବସ୍ତ ଆଇନ ଭାପୁରର ବିଭିନ୍ନ ମୌଜାରେ ଅଦ୍ୟାବଧି ଚାଲୁ ରହିଥିବା ହେତୁ ନିର୍ମାଣ ହୋଇଥିବା ବାସଗୃହ ତଥା କୃଷି ଜମିର କୌଣସି ବୈଧ ଜମି ପଟ୍ଟା ନାହିଁ। ପ୍ରତିବର୍ଷ ରାଜସ୍ୱ ବିଭାଗ ତରଫରୁ ଜଳକର ଓ ଖଜଣା ଆଦାୟ ହେଉଥିଲେ ମଧ୍ୟ ପଟ୍ଟା ନ ଥିବା ଯୋଗୁ ଦରକାର ବେଳେ ଶାଗ ମାଛ ଦରରେ କବଲା ମାଧ୍ୟମରେ ବିକ୍ରି କରିବା ପାଇଁ ବାଧ୍ୟ ହେଉଛନ୍ତି। ଏହି ଜମିକୁ ବନ୍ଧକ ରଖିବାକୁ କୌଣସି ବ୍ୟାଙ୍କ ରାଜି ନ ହେବାରୁ କୃଷି ଋଣ କିମ୍ବା ଆବଶ୍ୟକ ଋଣ ପାଇଁ ଜମିର ଯୋଗ୍ୟତା ରହୁନାହିଁ । ତହସିଲ ପକ୍ଷରୁ ଏହି ବେ-ବନ୍ଦୋବସ୍ତ ପଟ୍ଟାରୁ ରାଜସ୍ୱ ମଧ୍ୟ ଆଦାୟ ହୋଇପାରୁନାହିଁ। ଭାପୁର ତହସିଲ ଅଧୀନ ମାଧପୁର ଗ୍ରାମର ପ୍ଲଟନଂ. ୧୨୨୩, ମାରଡା ୪୧୧, ୪୧୭,ମାଳିବେରେଣୀ ପ୍ଲଟନମ୍ବର ୫୬୩, ୫୬୪,୫୬୭,୫୬୮,ରାକମା ପ୍ଲଟ ନଂ. ୫୭୬, ଲକ୍ଷ୍ମୀପ୍ରସାଦ ୮୬୯, ଶାଳପଡା ଗ୍ରାମର ପ୍ଲଟନଂ. ୨୮/୧୪୩, ୨୧୦,୨୯୭,୨୯୮,୩୦୦, ଶାଳବଣୀ ପ୍ଲଟ ନଂ. ୧୧୪, ସୁଆମଢିପ ୧୩୧, ସୁନାଖଳା ଗ୍ରାମର ପ୍ଲଟନଂ. ୪୪୧, ୪୪୨, ୪୪୩, ୪୪୭ ଓ ହନୁମନ୍ତ ପ୍ରସାଦ ଗ୍ରାମର ପ୍ଲଟ ନଂ. ୨୦୧ ଆଜି ପର୍ଯ୍ୟନ୍ତ ବେ-ବନ୍ଦୋବନ୍ତ ଭାବେ ରହିଛି। ଭାପୁର ତହସିଲଦାର ଲଗ୍ନଜିତ୍ ବେହେରା ସେହି ଗ୍ରାମ ଗୁଡିକର ବେ-ବନ୍ଦୋବସ୍ତ ପ୍ଲଟକୁ ଯାଇ ଦେଖିବା ସହିତ ଏହାର ସମାଧାନ ପାଇଁ ଉଦ୍ୟମ ଜାରି ରଖିଥିବା ସୂଚନା ମିଳିଛି ।

## ପଦ୍ମାବତୀ କଲେଜ ରାସ୍ତା ସଂକୀର୍ଣ୍ଣ, ବଢ଼ୁଛି ଦୁର୍ଘଟଣା


ସଂକୀର୍ଣ୍ଣ ରାସ୍ତାରେ ଏକ କାର୍ ଆସୁଥିବାରୁ ସାଇକେଲ ଆରୋହୀମାନେ ଅଟକି ରହିଛନ୍ତି।

ଭାପୁର,୧୭।୫(ଡି.ଏନ୍.ଏ)

ଭାପୁର ବ୍ଲକ ଅନ୍ତର୍ଗତ ପଦ୍ମବତୀ କଲେଜ ରାସ୍ତା ସଂକୀର୍ଣ୍ଣ ଯୋଗୁ ବଢ଼ୁଛି ଦୁର୍ଘଟଣା। ଏହାର ପ୍ରଶକ୍ତିକରଣ ପାଇଁ ୩ ପଞ୍ଚାୟତବାସୀ ଦାବି କରିଛନ୍ତି। ପୁରାତନ ପଦ୍ମାବତୀ କଲେଜରେ ଶତାଧିକ ଛାତ୍ରୀଛାତ୍ର ଶିକ୍ଷାଦାନ କରିଥାନ୍ତି। ଭାପୁର ବ୍ଲକ ସହିତ ଅନ୍ୟ ଜିଲାର ପିଲାମାନେ ମଧ୍ୟ ଏହି କଲେଜକୁ ପାଠ ପଢିବା ପାଇଁ ଆସିଥାନ୍ତି। ପଦ୍ମାବତୀ-କରବର ରାସ୍ତା ସଂକୀର୍ଣ୍ଣ ତଥା ଏକକ ରାସ୍ତା ଯୋଗୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଉକ୍ତ ରାସ୍ତାରେ ଗୋଟିଏ କାର କିମ୍ବା ବସ୍ ଆସିଲେ ବାଇକ୍‌ଟିଏ ଯାଇ ପାରିବ ନାହିଁ । ବଡ଼ ଗାଡ଼ିକୁ ସାଇଡ୍ କରିବାକୁ ହେଲେ ବହୁ ଦୂର ପଛକୁ ଯିବାକୁ ପଡ଼ିଥାଏ। ଏହି ରାସ୍ତା ଦେଇ ଭୁବନେଶ୍ୱରଠାରୁ ପଶ୍ଚିମାଞ୍ଚଳ ପର୍ଯ୍ୟନ୍ତ ଯାତ୍ରୀବାହୀ ବସ୍ ଯାତାୟାତ କରିଥାଏ। କଲେଜର ଛାତ୍ରୀଛାତ୍ରମାନେ ସାଇକେଲ ଓ ବାଇକ୍‌ରେ ଆସିଲା ବେଳେ ନାନା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଟିକିରିପଡ଼ା ରାସ୍ତା, କରବର ଓ ପଦ୍ମାବତୀ ରାସ୍ତା ଯାଇ ବାଟ ମଙ୍ଗଳା ଛକଠାରେ ମିଶିଛି। ଏହି ରାସ୍ତାର ପ୍ରଶସ୍ତୀକରଣ ପାଇଁ ତିନି ପଞ୍ଚାୟତ ତଥା ଶାସନ, କରବର ଓ ପଦ୍ମାବତୀ ଗ୍ରାମର ଗ୍ରାମବାସୀ ଦାବି କରିଛନ୍ତି। ଉକ୍ତ ରାସ୍ତାରେ ଦୁର୍ଘଟଣା ଘଟି କରବର ଗ୍ରାମର ଗଙ୍ଗାଧର ଜେନାଙ୍କ ଏକମାତ୍ର ପୁଅ ଲିଙ୍କନ ଜେନା (୨୨) ଓ ଅଙ୍କୁରାବନ୍ଧ ଗ୍ରାମର ପ୍ରାଣୀ ରାଉତଙ୍କ ଏକବର୍ଷ ତଳେ ମୃତ୍ୟୁ ଘଟିଥିଲା। ଏନେଇ ଆରଡି ବିଭାଗୀୟ ଯନ୍ତ୍ରୀ କେଶବ ଚନ୍ଦ୍ର ସୁବୁଦ୍ଧିଙ୍କୁ ପଚାରିବାରୁ ସେ କହିଥିଲେ ଆରଡି ରାସ୍ତା ଏକକ ରାସ୍ତା ଅଟେ । ପ୍ରଶସ୍ତୀକରଣ ପାଇଁ ପ୍ରସ୍ତୁତି ହେଉଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ରହିଥିବା ଜମି ମାଲିକମାନେ ଜମି ଦେବାକୁ ରାଜି ହେଉ ନାହାନ୍ତି । ଫଳରେ ରାସ୍ତା ପ୍ରଶସ୍ତୀକରଣ ହୋଇପାରି ନ ଥିଲା। ଏହି ରାସ୍ତା ୩-୪ ବର୍ଷ ହେବ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ ହୋଇଛି। ହେଲେ ପ୍ରଶସ୍ତୀକରଣ ହୋଇପାରୁନାହିଁ।

## ଆନ୍ଧ୍ର ସରକାରଙ୍କ ଓଡ଼ିଶା ସୀମା ପ୍ରବେଶକୁ ଭାଷା ଆନ୍ଦୋଳନର ନିନ୍ଦା

ବ୍ରହ୍ମପୁର ଅଫିସ,୧୭।୫

ଓଡିଆ ଭାଷା ଆନ୍ଦୋଳନ ପକ୍ଷରୁ ବୁଧବାର ବିଜିପୁରସ୍ଥିତ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ତ୍ରିନାଥ ମହାରଣା ଅଧ୍ୟକ୍ଷତା କରିଥିଲେ। ଆନ୍ଧ୍ରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନେ ଓଡ଼ିଶା ଆସି କୋରାପୁଟ ଜିଲାର ସୀମାନ୍ତ ଗ୍ରାମ କୋଟିଆ ଓ ଅନ୍ୟାନ୍ୟ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀଙ୍କୁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ କହି ପ୍ରଲୋଭିତ କରିବା ପ୍ରୟାସ ହୀନ ରାଜନୀତି ବୋଲି ବୈଠକରେ କୁହାଯାଇଥିଲା। ଭୌଗଳିକ ସୀମାକୁ ଆନ୍ଧ୍ର ସରକାର ଅସମ୍ମାନ କରୁଥିବାରୁ ନିନ୍ଦା କରଯାଇଥିଲା। ଆସନ୍ତା ୨୧ ତାରିଖରେ ଗାନ୍ଧୀନଗରଛକସ୍ଥିତ ମଧୁସୂଦନ ଦାଶଙ୍କ ପ୍ରତିମୂର୍ତ୍ତି ନିକଟରେ ଏଥିଲାଗି ପ୍ରତିବାଦ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ କୁମାର ମିଶ୍ର, ସମୀର କୁମାର ଆଚାର୍ଯ୍ୟ, ଅଶୋକ କୁମାର ଦଳେଇ, ହରେକୃଷ୍ଣ ପଣ୍ଡା, ଶ୍ୟାମ ସୁନ୍ଦର ଖାଡଙ୍ଗା ଓ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସ୍କୁଲ, କଲେଜ ଛୁଟି: ଅଙ୍ଗନୱାଡି କେନ୍ଦ୍ରରେ ଚାଲିଛି ପାଠପଢ଼ା


ନୟାଗଡ଼ରେ ଏକ ଅଙ୍ଗନୱାଡି କେନ୍ଦ୍ରରୁ ପାଠପଢ଼ିବାକୁ ଆସିଥିବା ପିଲାମାନେ।

ନୟାଗଡ଼ ଅଫିସ,୧୭।୫

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସରକାର ସ୍କୁଲ, କଲେଜ ଛୁଟି ଘୋଷଣା କରିଛନ୍ତି । ହେଲେ ଅଙ୍ଗନୱାଡି କେନ୍ଦ୍ରରେ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା ହେଉଛି । ଛୋଟ ପିଲାମାନେ ଟାଣ ଖରାରେ ଘରକୁ ଫେରୁଛନ୍ତି । ସ୍କୁଲ ଓ କଲେଜ ଛାତ୍ରଙ୍କ ପାଇଁ ଗ୍ରୀଷ୍ମ ଅବକାଶ ଛୁଟି ରହିଥିବାବେଳେ ଶିଶୁମାନଙ୍କୁ ଏଥିରୁ ବାଦ୍ ଦିଆଯିବା ଠିକ୍ ନୁହେଁ ବୋଲି ଅଭିଭାବକମାନେ କହିଛନ୍ତି । ଅଙ୍ଗନୱାଡି କେନ୍ଦ୍ରଗୁଡିକ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବାରୁ କେନ୍ଦ୍ର ସରକାର ଛୁଟି ଘୋଷଣା କରିନାହାନ୍ତି । ରାଜ୍ୟ ସରକାର ମଧ୍ୟ ପିଲାମାନଙ୍କ ପାଇଁ ଛୁଟି ଘୋଷଣା କରିବାକୁ ପଦକ୍ଷେପ ନେଇ ନାହାନ୍ତି । ଶିଶୁମାନଙ୍କୁ ଏଭଳି ଅଣଦେଖାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବୁଧବାର କେତେଜଣ ଅଙ୍ଗନୱାଡି କର୍ମୀ ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଫେରାଦ୍ ହୋଇଥିବା ଜଣାପଡିଛି ।

## ବସ୍-ସ୍କୁଟି ମୁହାଁମୁହିଁ ଧକ୍କା, ଜଣେ ମୃତ

ହିଞ୍ଜିଳିକାଟୁ, ୧୭।୫(ଡି.ଏନ.ଏ.)

ହିଞ୍ଜିଳି ଥାନା ସାରୁ- ସମରଝୋଳ ମଧ୍ୟବର୍ତ୍ତୀ ରାସ୍ତାରେ ବୁଧବାର ବସ ସହ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ହିଞ୍ଜିଳି ଥାନା ବ୍ଲକ କଲୋନୀ ଅଞ୍ଚଳର ରୋଶନ ବେହେରା (୨୬) ଓ ଆହତ ଜଣଙ୍କ ହେଲେ ବଜାରସାହିର ମନୋଜ ଦାସ (୨୩) । ପୋଲିସ ମୃତଦେହକୁ ଜବତ କରିଛି। ବସ ଚାଳକ ଫେରାର ହୋଇଯାଇଛନ୍ତି ।

## ସଂଘବଦ୍ଧ ଆକ୍ରମଣ କରି ଲୁଟ୍ ଅଭିଯୋଗ

ବ୍ରହ୍ମପୁର ଅଫିସ,୧୭।୫

ସଦର ଥାନା ଅନ୍ତର୍ଗତ ବ୍ରହ୍ମପୁର- ଦିଗପହଣ୍ଡି ମୁଖ୍ୟ ରାସ୍ତାର ମହୁରୀକାଲୁଆ ଛକ ନିକଟରେ ଗତ ୧୫ ତାରିଖ ରାତିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରି ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ଲାଞ୍ଜିଆ ବଡ଼ସାହି ଗ୍ରାମର ତୁଫାନ୍ କୁମାର ସାହୁ(୨୪) ଗତ ୧୫ତାରିଖ ରାତି ପ୍ରାୟ ସାଢ଼େ ୮ଟାରେ କାମସାରି ବାଇକରେ ବ୍ରହ୍ମପୁରରୁ ନିଜ ଘରକୁ ଫେରୁଥିଲେ। ମହୁରୀ କାଲୁଆ ଛକ ନିକଟରେ ସେ ବାଇକ୍ ରଖି ପରିସ୍ରା କରିବାକୁ ଯାଇଥିଲେ। ଏହି ସମୟରେ ଦୁଇଟି ବାଇକରେ ୬ଜଣ ମୁହଁରେ କଳାମୁଖା ପିନ୍ଧି ଆସି ତାଙ୍କ ପାଖରେ ପହଞ୍ଚି ଗାଳିଗୁଲଜ କରିବା ସହ ଟଙ୍କା ମାଗିଥିଲେ। ତୁଫାନ୍ ଏହାର ପ୍ରତିବାଦ କରିବାରୁ ଏକ ବ୍ଲେଡ୍‌ରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ବାମ ହାତ ଓ ମୁହଁରେ ଆଘାତ ଲାଗିଥିଲା। ପରେ ତାଙ୍କ ଠାରୁ ୮,୫୦୦ଟଙ୍କା ଛଡ଼ାଇ ନେଇ ଫେରାର୍ ହୋଇଯାଇଥିଲେ।

ଆବଶ୍ୟକ CNC ଅପରେଟର୍ସ - 5 ବର୍ଷର ଅଭିଜ୍ଞତା, ଲେଥ୍ ମେସିନ୍ ଅପରେଟର୍ସ, ମେକାନିକାଲ୍ ଫିଟର୍ସ / ରକ୍ଷଣାବେକ୍ଷଣ ଏବଂ ଜେନେରାଲ୍ ମେସିନ୍ ଅପରେଟର୍ସ, ହେଲପର୍ସ | ଆମର ନୂତନ କାରଖାନା ପାଇଁ ହାଇଦ୍ରାବାଦ, 9676901354, ଇମେଲ: jrspldis@gmail.com ରେ ଲକ୍ଷ୍ମଣଙ୍କ ସହିତ ଯୋଗାଯୋଗ କରନ୍ତୁ |

## ହନୁମାନ ମନ୍ଦିର ପରିସରରେ ଗଞ୍ଜେଇ ଗଛ

ନୟାଗଡ଼ ଅଫିସ,୧୭।୫

ନୟାଗଡ଼ ସହର ଖଣ୍ଡପଡ଼ା ରୋଡ଼ର ହନୁମାନ ମନ୍ଦିରରେ ୩ଟି ବଡ଼ ଗଞ୍ଜେଇ ଗଛ ଲାଗିଛି । ଗଛ କିଏ ଲଗାଇଛି ନାଁ ମନକୁ ଉଠିଛି ଜଣାପଡିନି । ହେଲେ ଏହାକୁ ନଷ୍ଟ କରିବାକୁ ଅବକାରୀ ବିଭାଗ କି ମନ୍ଦିର କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନାହାନ୍ତି ବୋଲି ଅଭିଯୋଗ ହୋଇଛି ।



### ଜଙ୍ଗଲ ଅଧିକାର, ଜୀବନ ଜୀବିକା ଓ ସୁଶାସନ ସମ୍ପର୍କିତ କର୍ମଶାଳା

## ଜଙ୍ଗଲଜାତ ଦ୍ରବ୍ୟ, ଏକାଧିକ ଚାଷ ଦେଇଛି ଜୀବନ

ଦାରିଙ୍ଗବାଡ,୧୭।୫(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ଚାଷ ଜମି ମାତ୍ର ୩ ପ୍ରତିଶତ। ମୋଟ ୮୭ ପ୍ରତିଶତ ସରକାରୀ ଜମି ରହିଥିବା ବେଳେ ୧୩ ଭାଗ ବ୍ୟକ୍ତିଗତ ଜମି ରହିଛି। ଅତି କମ୍ ପରିମାଣର ଚାଷ ଜମି ରହିଥିଲେ ସୁଦ୍ଧା ଉକ୍ତ ଅଞ୍ଚଳରେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଚାଷୀ ନିଜ ଜମିରେ ଏକାଧିକ ଚାଷ ତଥା ଧାନ, କାଙ୍ଗୁ, କୁଏରୀ, ମାଣ୍ଡିଆ, କାନ୍ଦୁଲ, ହଳଦୀ, ପନିପରିବା, ଆମ୍ବ, ଲିଚୁ ଆଦି ଚାଷ କରି ନିଜ ଗୁଜୁରାଣ ମେଣ୍ଟାଉଛନ୍ତି। ସେହିପରି କନ୍ଧମାଳ ଜଙ୍ଗଲରେ ଏକ ବେସରକାରୀ ସର୍ଭେ ଅନୁଯାୟୀ ପ୍ରାୟ ୧୨୮ ପ୍ରକାର ଜଙ୍ଗଲ ଜାତୀୟ ଖାଦ୍ୟ ତଥା କନ୍ଦା, ଆଳୁ, ବିଭିନ୍ନ ପ୍ରକାର ଫଳ, ଶାଗ, ଆଦି ସଂଗ୍ରହ କରି ପରିବାର ପ୍ରତିପୋଷଣ ହୋଇପାରୁଥିବାରୁ ଜିଲାରେ କେହି ଭୋକିଲା ରହୁ ନ ଥିବା କିମ୍ବା ଚାଷୀ ଆତ୍ମହତ୍ୟା ଭଳି ଘଟଣା ଘଟୁ ନ ଥିବା ମତ ପ୍ରକାଶ ପାଇଛି। ‘ଜାଗୃତି’ ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠଙ୍କ ଅଧ୍ୟକ୍ଷତାରେ ‘ଜଙ୍ଗଲ ଅଧିକାର, ଜଙ୍ଗଲ ଭିତ୍ତିକ ଜୀବନଜୀବିକା ଓ ସୁଶାସନ ପ୍ରକଳ୍ପ’ ଶୀର୍ଷକ କର୍ମଶାଳାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ଗଦାଧର ପାତ୍ର, ବନପାଳ ପ୍ରସନ୍ନ ପାତ୍ର, ଜିଲା ପରିଷଦ ସଦସ୍ୟା ଦୀପିକା ମୁଠାମାଝି, ଜାଗୃତି କୋଷାଧ୍ୟକ୍ଷ ଜ୍ୟୋତିରାଜ ପ୍ରଧାନଙ୍କ ସମେତ ବାଡବାଙ୍ଗା, ସୋନପୁର ଓ ଦାନେକବାଡି ପଞ୍ଚାୟତର ଲୋକପ୍ରତିନିଧିମାନେ ଆଲୋଚନାରେ ଭାଗ ନେଇଥିଲେ। ଜଙ୍ଗଲ ଭିତ୍ତିକ ଜୀବନଜୀବିକାକୁ ଆହୁରି ସୁଦୃଢ଼ କରାଯିବା ସହ ଜଙ୍ଗଲ ଅଧିକାର ଓ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକମାନଙ୍କ ନିକଟରେ କିଭଳି ସଠିକ ଭାବେ ପହଞ୍ଚିବ ସେନେଇ ପ୍ରାଥମିକସ୍ତରରେ ଦାରିଙ୍ଗବାଡି ବ୍ଲକର ୨୫ ପଞ୍ଚାୟତରୁ ୩ଟି ତଥା ବାଡବାଙ୍ଗା, ସୋନପୁର ଓ ଦାନେକବାଡିର ୩୦ଟି ଗ୍ରାମର ୨୫ଶହ ପରିବାରକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜାଗୃତି ସମ୍ପାଦକ ସୂଚନା ଦେଇଛନ୍ତି। ଜଙ୍ଗଲର ସୁରକ୍ଷା ଓ ପୋଡୁ ଚାଷ ନ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଜଙ୍ଗଲ ସୃଷ୍ଟି କରିବାକୁ ବନପାଳ ପ୍ରସନ୍ନ ପାତ୍ର, ବିଡ଼ିଓ ଗଦାଧର ପାତ୍ର ପ୍ରମୁଖ ପରାମର୍ଶ ଦେଇଥିଲେ। ସେହିପରି ପ୍ରଶାସନକୁ ସହଯୋଗ କଲେ ଗାଁ ଗାଁରେ ବିକାଶ ସୁବିଧାରେ ହୋଇପାରିବ ବୋଲି କୁହାଯାଇଥିଲା। ଲୋକଙ୍କ ସହଯୋଗରେ ସୁଶାସନ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ସେହିପରି ସରକାର ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ ଋଣ ପ୍ରଦାନ କରୁଛନ୍ତି, ହେଲେ ଅନେକ ପରିବାର ମାଇକ୍ରୋ ଫାଇନାନ୍ସରୁ ଋଣ ଆଣି ଶୁଝି ନ ପାରି ବାଧ୍ୟହୋଇ ରାଜ୍ୟ ବାହାରକୁ କାମଧନ୍ଦାରେ ଯାଇ ମରଣ ମୁହଁରେ ପଡୁଛନ୍ତି। ଏବେ ଏହା ଦାରିଙ୍ଗବାଡି ବ୍ଲକରେ ବଡ଼ ସମସ୍ୟା ହୋଇ ରହିଥିବା ବୈଠକରେ ଆଲୋଚନା ହୋଇଥିଲା। ଏଥିପାଇଁ ଆଗାମୀ ଦିନରେ ଅନେକ ପରିବାର ସର୍ବସ୍ୱ ହରାଇ ବସିବା ଆଶଙ୍କା କରାଯାଇଛି। ତୁରନ୍ତ ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଆଲୋଚନା ହୋଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଏମ୍‌କେସିଜି ମେଡିକାଲ ପୁରୁଣା ଶିଶୁ ବିଭାଗ କୋଠାରୁ ଚୋରି

ବ୍ରହ୍ମପୁର ଅଫିସ,୧୭।୫

ଏମକେସିଜି ମେଡିକାଲର ପୁରୁଣା ଶିଶୁବିଭାଗ କୋଠାରୁ ଗ୍ରିଲ୍, ଫ୍ୟାନ୍ ଆଦି ସାମଗ୍ରୀ ଚୋରି ହୋଇଥିବା ନେଇ ଅଧୀକ୍ଷକ ପ୍ରଫେସର ସୁଚିତ୍ରା ଦାଶ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ଗତ ୧୨ତାରିଖ ରାତି ପ୍ରାୟ ସାଢ଼େ ୩ଟାରେ କିଛି ଦୁର୍ବୃତ୍ତ ସେହି ପୁରୁଣା କୋଠାରେ ପଶି ଚୋରି କରିଥିବା ଏତଲାରେ ଦର୍ଶାଯାଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ନଂ.୨୦୦/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.11/ET/SBP/ENGG/2023-24, ତା.12.05.2023ରିଖ

ଇ-ଟେଣ୍ଡର ସଂ.11-eT-SDENE-SBP-23

**କାର୍ଯ୍ୟର ନାମ:** ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ପରିସୀମା ଅଧୀନସ୍ଥ ହଣ୍ଡପା-ବଇଣ୍ଡା ସେକ୍ସନରେ କି.ମି.116/6-8(UP) ଠାରେ ସାଇଡ୍ ଡ୍ରେନ୍‌ଗୁଡ଼ିକର ମରାମତି ଏବଂ କି.ମି.116/6-9(DN) ଠାରେ ୱାୟର ରୋପ ନେଟ୍ (Wire rope net) ଦ୍ୱାରା ବୋଲ୍ଡର ଅପସାରଣ ଏବଂ ସ୍ଲୋପ ସୁରକ୍ଷା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,19,67,608.81, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,09,900/-, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.05.06.2023ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର

PR-179/O/23-24

**ପାର୍କିଂ ପାଇଁ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ କାଟାଲଗ ନଂ.: ପାର୍କ-କେଜିପି-୨୩-୦୯, ତାରିଖ: ୧୫।୦୫।୨୦୨୩।**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ, ୩ (ତିନି) ବର୍ଷ ଅବଧି ପାଇଁ ବିଆରଡିବି, ବିଟିକ୍ୟୁ, ଏଚ୍‌ଏଲ୍‌ଜେଡ୍, କେଜିପିଠାରେ ଦୁଇଚକିଆ ପାର୍କିଂ ନିମନ୍ତେ ୪ (ଚାରି) ଗୋଟି ପାର୍କିଂ ଲଟ୍ ଏବଂ ସିକେୟୁ ରେଳ ଷ୍ଟେଶନ ପରିସରରେ ମିଶ୍ରିତ ପାର୍କିଂ ଲାଗି ୧ (ଏକ) ଗୋଟି ପାର୍କିଂ ଲଟ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା ୱେବ୍‌ସାଇଟ୍ https://www.ireps.gov.inରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ଲଟ୍ ସଂଖ୍ୟା | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ଦୁଇଚକିଆ ପାଇଁ ପାର୍କିଂ ଲଟ୍ | ପାର୍କ-କେଜିପି-୨୩-୦୯ | ୦୫ | ୦୧।୦୬।୨୩ | ୧୧.୦୦ ଘଟିକା | ୧୨.୧୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ୱଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-174) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

